## ମୟୂରଭଞ୍ଜ ବନ୍ଦ ପାଇଁ ବେତନଟୀ ବିଜେଡିର ପ୍ରସ୍ତୁତି



**ବେତନଟୀ, ୧୬।୪(ସମିସ):** ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ ସେବାଶ୍ରମର ପଞ୍ଚମ ଶ୍ରେଣୀ ଛାତ୍ରୀ ରୂପାଲୀ ବେଶ୍ରାଙ୍କ ମୃତ୍ୟୁ ଘଟଣାକୁ ନିନ୍ଦା କରି ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦକୁ ସଫଳ କରିବା ପାଇଁ ବେତନଟୀ ବ୍ଲକ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ବେତନଟୀ ବ୍ଲକ ବିଜେଡି ସଭାପତି ରାଜୀବ ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆସନ୍ତା ଶନିବାର ହେବାକୁ ଥିବା ଜିଲ୍ଲା ବନ୍ଦକୁ ସଫଳ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଦଳୀୟ କର୍ମୀଙ୍କୁ ସଂଗଠିତ କରି ସାମୂହିକ ଭାବେ ବନ୍ଦ ପାଳନ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ବୈଠକରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଜିଲ୍ଲା ସମ୍ପାଦକ ଜ୍ୟୋତିକାନ୍ତ ସାମଲ, ସୁନ୍ଦର ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସୁଶାନ୍ତ ବଳା, ଯୁବନେତା ରାଜନ ଦାସ, ସମିତି ସଭ୍ୟ କିଶୋର ନାୟକ, ବିଜେଡି ନେତା ଚୈତନ୍ୟ ଟୁଡୁ, ତପନ ଜେନା, ଛାତ୍ରନେତା ଜୀବନ ଦାସ, ଅମର ପଣ୍ଡା, ଦୀପକ ସାହୁ ସହିତ ଅନ୍ୟାନ୍ୟ କର୍ମୀ ଉପସ୍ଥିତ ଥିଲେ।

## ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ଆଲୋଚନାଚକ୍ର

**ବାରିପଦା, ୧୬।୪(ସମିସ):** ସ୍ଥାନୀୟ ମୁର୍ଗାବାଡିସ୍ଥ ବିଜ୍ଞାନ ଭବନ ପରିସରରେ ମୟୂରଭଞ୍ଜ ସାହିତ୍ୟ ଏକାଡେମୀର ଏକ ଆଲୋଚନାଚକ୍ର ଓ କବିତା ଆସର ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତି ଅବସରରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ସାହିତ୍ୟରେ ଚୈତ୍ର ପର୍ବ ଶୀର୍ଷକରେ ଆୟୋଜିତ ଆଲୋଚନାଚକ୍ର ଏକାଡେମୀର ସଭାପତି ଡକ୍ଟର ସରୋଜ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଜଇଚନ୍ଦ୍ର ବେହେରା, ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଙ୍ଘର ମୟୂରଭଞ୍ଜ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପାଲଟା, ବରିଷ୍ଠ ସାହିତ୍ୟିକ ଅମିତାଭ ମିଶ୍ର ଓ ପ୍ରଦୀପଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ମୟୂରଭଞ୍ଜ ଜିଲ୍ଲାରେ ଚୈତ୍ର ପର୍ବ ଓ ଓଡ଼ିଆ ସାହିତ୍ୟରେ ଚୈତ୍ର ପର୍ବର ବର୍ଣ୍ଣନା ଉପରେ ସବିଶେଷ ଆଲୋଚନା କରିଥିଲେ। ଶେଷରେ ସ୍ୱରଚିତ କବିତା ଆବୃତ୍ତି ଅନୁଷ୍ଠିତ ହୋଇଥିଲା। ରାମକୃଷ୍ଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ଆତ୍ମରକ୍ଷା ଶିବିର ଉଦ୍‌ଯାପିତ



**ଗୋପବନ୍ଧୁନଗର/ଉଦଳା, ୧୬।୪(ସମିସ):** ରାଜ୍ୟସ୍ତରୀୟ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇଛି। ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ୫ ଲକ୍ଷରୁ ଅଧିକ ଝିଅ ଛାତ୍ରୀଙ୍କୁ ତାଲିମ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଅଧିକ ଆତ୍ମବିଶ୍ୱାସ, ଶୃଙ୍ଖଳା, ସତର୍କତା ଓ କଷ୍ଟକର ପରିସ୍ଥିତିରେ ଶାନ୍ତ ଭାବେ ପ୍ରତିକ୍ରିୟା ଦେବାର କ୍ଷମତା। ଏହି କାର୍ଯ୍ୟକ୍ରମ ବାଳିକାଙ୍କ ଭେଦଭାବ ଓ ଲିଙ୍ଗବାଦକୁ ପ୍ରତିରୋଧ କରିବାର କ୍ଷମତା, ସୁରକ୍ଷା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳତା ହ୍ରାସ କରିବା, ବ୍ୟବହାରିକ, ଆତ୍ମବିଶ୍ୱାସ-ନିର୍ମାଣ ଶିକ୍ଷା ମାଧ୍ୟମରେ ଉତ୍ତମ ସ୍ୱାସ୍ଥ୍ୟ ଓ ଫିଟନେସକୁ ପ୍ରୋତ୍ସାହିତ କରିଛି। ଏହି ସଫଳତା ଦୃଢ଼ ନେତୃତ୍ୱର ଛାପ ବହନ କରେ। ଏହି ପଦକ୍ଷେପକୁ ଅନନ୍ୟା ଦାସଙ୍କ ଦ୍ୱାରା ମାର୍ଗଦର୍ଶନ କରାଯାଇଥିଲା। ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡଙ୍କ ଦୃଢ଼ ସମର୍ଥନ ମିଳିଥିଲା। ସେମାନଙ୍କ ସମର୍ଥନ କାର୍ଯ୍ୟକ୍ରମକୁ ଘୋଷଣାଠାରୁ ଆଗକୁ ବଢ଼ି ଏକ ଅର୍ଥପୂର୍ଣ୍ଣ ରାଜ୍ୟବ୍ୟାପୀ ହସ୍ତକ୍ଷେପରେ ପରିଣତ କରିବାରେ ସାହାଯ୍ୟ କରିଥିଲା।

## ଆମ୍ବଜୋଡ଼ାରେ ହନୁମାନ ଜୟନ୍ତୀ

**ବେତନଟୀ, ୧୬।୪(ସମିସ):** ବେତନଟୀ ବ୍ଲକ ଅଧୀନ ଆମ୍ବଜୋଡା ଅଞ୍ଚଳରେ ଅବସ୍ଥିତ ହନୁମାନ ବାଟିକାରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିସହିତ ହନୁମାନ ମନ୍ଦିର ପ୍ରତିଷ୍ଠାର ଦଶମ ବାର୍ଷିକୀ ଉତ୍ସବ ମଧ୍ୟ ସମ୍ପନ୍ନ ହୋଇଛି। ସୋମବାର ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ ହୋଇଥିବାବେଳେ ମଙ୍ଗଳବାର ହନୁମାନ ଜୟନ୍ତୀ ଅବସରରେ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏ ଅବସରରେ ବିଶିଷ୍ଟ ସମାଜସେବୀ ତଥା ବିଜେପି ଜିଲ୍ଲା ଉପସଭାପତି ରବିଶୋର ସାହା ଉପସ୍ଥିତ ରହି ପ୍ରସାଦ ବଣ୍ଟନ କରିଥିଲେ। ଆମ୍ବଜୋଡା, ସୁଖିଲାହାର, ପଣ୍ଡୁଗଡ଼ିଆ, ଲିଠାସାହି ଓ ବେତନଟୀ ସହିତ ଆଖପାଖ ଅଞ୍ଚଳର ବିଭିନ୍ନ ଗାଁରୁ ହଜାର ହଜାର ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା।

## ଧନୁର୍ଜୟ ମହାନ୍ତ ମୟୂରଭଞ୍ଜର ନୂଆ ସିଡିଏମ୍‌ଓ

**ବାରିପଦା, ୧୬।୪(ସମିସ):** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ମୟୂରଭଞ୍ଜ ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ତଥା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ ଡା ଧନୁର୍ଜୟ ମହାନ୍ତ ନିଯୁକ୍ତ ହୋଇଛନ୍ତି। ସେ ଏଥିପୂର୍ବରୁ ଦେଓଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ(କୁଷ୍ଠ ନିରାକରଣ) ଭାବେ କାର୍ଯ୍ୟ କରୁଥିଲେ। ସେହିପରି ମାତ୍ର ୧୦ ମାସ ପୂର୍ବେ ଏଠାରେ ଯୋଗଦେଇ କାର୍ଯ୍ୟରତ ଥିବା ଜିଲ୍ଲାର ମୁଖ୍ୟ ଚିକିତ୍ସାଧିକାରୀ ତଥା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡା କିଶୋର କୁମାର ଆଚାର୍ଯ୍ୟଙ୍କୁ ବିଭାଗର ରାଜ୍ୟ ନିର୍ଦ୍ଦେଶାଳୟକୁ ବଦଳି କରାଯାଇଛି।

### କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା

# ଅନୁସୂଚିତ ଜାତି ଆୟୋଗଙ୍କ ତତ୍କାଳ ହସ୍ତକ୍ଷେପ ପାଇଁ ବିଜେଡିର ଦାବି

**ବାରିପଦା, ୧୬।୪(ସମିସ)**

ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ ଅଧୀନ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ୧୨ ବର୍ଷୀୟ ଆଦିବାସୀ ଛାତ୍ରୀ ରୂପାଲୀ ବେସ୍ରାଙ୍କ ଦୁଃଖଦ ମୃତ୍ୟୁ ଓ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅସୁସ୍ଥ ହେବା ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି ବିଜେଡି।

ଗତ ୧୨ ତାରିଖରେ କାକବନ୍ଧ ଆଶ୍ରମ ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ବାସି ଖାଦ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଥିଲା। ଯାହା ଖାଦ୍ୟ ସୁରକ୍ଷା ମାନଦଣ୍ଡର ଗୁରୁତର ଉଲ୍ଲଙ୍ଘନ ଓ ପ୍ରଶାସନର ଚରମ ଅବହେଳା ଅଟେ। ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଇଁ ଚାଲୁଥିବା ଏହି ଆବାସିକ ସଂସ୍ଥାନରେ ନିର୍ଦ୍ଧାରିତ ପୋଷଣ ମାନଦଣ୍ଡ ଅନୁଯାୟୀ ତାଜା ଓ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯିବାକୁ ପ୍ରାବଧାନ ରହିଛି। କିନ୍ତୁ ବଳକା ଖାଦ୍ୟ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବାରୁ ଏପରି ଗୁରୁତର ଅସୁସ୍ଥତା ସୃଷ୍ଟି ହୋଇଛି। ଏହି ଖାଦ୍ୟ ଖାଇ ରୂପାଲୀ ବାରିପଦାସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ଆଇସିୟୁରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିବାବେଳେ ଅନ୍ୟାନ୍ୟ ଅସୁସ୍ଥ ଛାତ୍ରଛାତ୍ରୀ ଏବେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଯାହା ଘଟଣାର ଗୁରୁତ୍ୱକୁ ପ୍ରକାଶ କରୁଛି। ଏହି ଘଟଣାରେ ଦାୟୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ ଯଥେଷ୍ଟ କ୍ଷତିପୂରଣ ଦେବା ସହ ମୃତକଙ୍କ ପରିବାରବର୍ଗର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରି ଦେବାକୁ ଦାବି କରିଛି ବିଜୁ ଜନତା ଦଳ।

**ଦାୟିତ୍ୱ ନିର୍ଦ୍ଧାରଣ, କ୍ଷତିପୂରଣ ଓ ପ୍ରଣାଳୀଗତ ସଂଶୋଧନ ପାଇଁ ଆହ୍ୱାନ**

ସମସ୍ତ ଆଶ୍ରମ ସ୍କୁଲରେ ଖାଦ୍ୟ ସୁରକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରାଯାଉ। ଅସୁସ୍ଥ ଛାତ୍ରଛାତ୍ରୀଙ୍କ ପାଇଁ ସମ୍ପୂର୍ଣ୍ଣ ଚିକିତ୍ସା ଓ ପୁନର୍ବାସନ ବ୍ୟବସ୍ଥା କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏହାସହିତ ଅନୁସୂଚିତ ଜାତି ଆୟୋଗର ଅଧ୍ୟକ୍ଷ ମୟୂରଭଞ୍ଜ ଜିଲ୍ଲାକୁ ଗସ୍ତ କରି ଘଟଣାସ୍ଥଳରେ ପରିସ୍ଥିତିର ସମୀକ୍ଷା କରିବାକୁ ଦଳ ଅନୁରୋଧ କରିଛି। ଅଧ୍ୟକ୍ଷଙ୍କ ଗସ୍ତ ମୃତ ଛାତ୍ରୀଙ୍କ ପରିବାରବର୍ଗ ଓ ଅସୁସ୍ଥ ଛାତ୍ରଛାତ୍ରୀଙ୍କ ପରିବାରବର୍ଗଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ଆଦିବାସୀ ସମୁଦାୟର ଅଧିକାର ସୁରକ୍ଷା ପ୍ରତି ଆଶାକୁ ସୁଦୃଢ଼ କରିବ। ଏହି ହୃଦୟବିଦାରକ ଘଟଣାକୁ ବର୍ଣ୍ଣନା କରି ଦଳ ଉଲ୍ଲେଖ କରିଛି ଯେ, ଆଦିବାସୀ ଶିଶୁଙ୍କ ଜୀବନ ଓ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ସହ ସେମାନଙ୍କୁ ସୁରକ୍ଷିତ ରଖିବା ନିତାନ୍ତ ଆବଶ୍ୟକ। ଏହି ସ୍ମାରକପତ୍ର ପ୍ରଦାନରେ ବିଜେଡିର ବରିଷ୍ଠ ନେତା ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ପ୍ରବକ୍ତା ଡ. ପ୍ରିୟବ୍ରତ ମାଝୀ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଗଣେଶ୍ୱର ପାତ୍ର, ସୁବ୍ରମଣ୍ୟମ ମହାନ୍ତି, ଉପନଗରପାଳ ସୀମା ଦାସ, ଡା ଦେବାଶିଷ ମାରାଣ୍ଡି, ଦେବାଶିଷ ମହାନ୍ତି, ପ୍ରୀତିନନ୍ଦା କାନୁନଗୋ, ଜିତେନ୍ଦ୍ର ମହାନ୍ତି, ସୁନୀଲ ନାୟକ, ଗଙ୍ଗାଧର ହେମ୍ବ୍ରମ ଓ ଦୁଷ୍ମନ୍ତ ମହାନ୍ତ ସାମିଲ ଥିଲେ। ଏହି ଘଟଣାରେ ନ୍ୟାୟ ସୁନିଶ୍ଚିତ କରିବା ସହ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଅନୁସୂଚିତ ଜାତି ଆୟୋଗ ତତ୍କାଳ ପଦକ୍ଷେପ ନେବାକୁ ବିଜୁ ଜନତା ଦଳ ଦାବି କରିଛି।

### ଗ୍ରୀଡ୍ ନିର୍ମାଣ ପାଇଁ ଜମି ମାପକୁ ନେଇ ଅସନ୍ତୋଷ

# ଅଧିକାରୀଙ୍କୁ ଫେରାଇଦେଲେ ଗ୍ରାମବାସୀ

**ବୈଶିଙ୍ଗା, ୧୬।୪(ସମିସ):** ଓଡ଼ିଶା ବିଦ୍ୟୁତଶକ୍ତି ସଞ୍ଚାରଣ ନିଗମ ଲିମିଟେଡ(ଓପିଟିସିଏଲ) ପକ୍ଷରୁ ବେତନଟୀ ବ୍ଲକ ଅଧୀନ ଗଡ଼ଦେଉଳିଆ ଉପକଣ୍ଠ ଶ୍ରୀବସ୍ତପୁର ମୌଜାରେ ମୟୂରଭଞ୍ଜ ଜିଲ୍ଲାର ଦ୍ୱିତୀୟ ବୃହତ ଗ୍ରୀଡ ନିର୍ମାଣ ନିମନ୍ତେ ଜମି ହସ୍ତାନ୍ତର ପ୍ରକ୍ରିୟା ବେତନଟୀ ତହସିଲ ପକ୍ଷରୁ ଚୂଡାନ୍ତ କରାଯାଇଥିଲା। ତେବେ ରାଜସ୍ୱ ବିଭାଗ ପକ୍ଷରୁ ତଞ୍ଚକତା ପୂର୍ବକ ଗୋଟିଏ ପ୍ଲଟ ଦେଖାଇ ବୁଧବାର ଅନ୍ୟ ଗୋଟିଏ ସ୍ଥାନରେ ଜମି ମାପ କରିବାକୁ ଆସିଥିବା ଅଧିକାରୀଙ୍କୁ ଫେରାଇ ଦେଇଥିଲେ ଗ୍ରାମବାସୀ। ଉକ୍ତ ସ୍ଥାନରେ ଥିବା ଶହ ଶହ ବିଶାଳକାୟ ବୃକ୍ଷ କଟାଯିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଓଡ଼ିଶା ବିଦ୍ୟୁତ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ ପକ୍ଷରୁ ୪୦୦/୨୨୦ ଉଚ୍ଚକ୍ଷମତା ସମ୍ପନ୍ନ ଗ୍ରୀଡ ସ୍ଥାପନ ପାଇଁ ନିଷ୍ପତ୍ତି ଚୂଡାନ୍ତ ହେବାପରେ ଜମି ଅଧିଗ୍ରହଣ ନିମନ୍ତେ ଜିଲ୍ଲା ପ୍ରଶାସନ ନିକଟରେ ଆବେଦନ କରାଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବେତନଟୀ ତହସିଲ ଅଧୀନ ଗଡ଼ଦେଉଳିଆ ଅଞ୍ଚଳକୁ ଚୟନ କରାଯାଇଥିଲା। ବେତନଟୀ ତହସିଲ ପକ୍ଷରୁ ଗଡ଼ଦେଉଳିଆ ଉପକଣ୍ଠ ଶ୍ରୀବପୁର ମୌଜାରେ ଥିବା ଖାତାନମ୍ବର ୪୧୪ ଓ ପ୍ଲଟନଂ ୨୦୭ରେ ଥିବା ୩୭.୬୧ଏକର ଜମିକୁ ଚିହ୍ନଟ କରାଯାଇଥିଲା। ତେବେ ସ୍ଥାନୀୟ ସରପଞ୍ଚ ବବିତା ସିଂ, ସମିତି ସଭ୍ୟ ମନୋଜ ମୁର୍ମୁ, ଜିଲ୍ଲା ପରିଷଦ ସବିତା ଦାସ, ଗାଁ ସଭାପତି ସିଦ୍ଧେଶ୍ୱର ସାମଲ, ମଧୁସୂଦନ ସିଂ, ମାୟାଧର ସାମଲ, ଜଗନ୍ନାଥ ପରିଡ଼ା ଓ ଶ୍ରୀବସ୍ତପୁର ଗ୍ରାମର ଶତାଧିକ ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଗତ ୨୦ଦିନ ପୂର୍ବରୁ ବେତନଟୀ ତହସିଲ ପକ୍ଷରୁ ଉକ୍ତ ଜମି ଚିହ୍ନଟ ନେଇ ତାଙ୍କ ସହିତ ପ୍ରତାରଣା କରାଯାଇଥିଲା। ତଞ୍ଚକତା ପୂର୍ବକ ୧୮୧ନଂ ପ୍ଲଟକୁ ଦେଖାଇ ସେଇଟା ୨୦୭ନଂ ପ୍ଲଟ ବୋଲି ଦାବି କରିଥିଲା ରାଜସ୍ୱ ବିଭାଗ। ଗ୍ରାମବାସୀ ସେତେବେଳେ ଏହା ଭୁଲ ବୋଲି ଦର୍ଶାଇଥିଲେ। ମାନିବାକୁ ରାଜି ନ ଥିଲେ ରାଜସ୍ୱ ଅଧିକାରୀ। ପରେ ଏହି ଜମିକୁ ଓପିଟିସିଏଲକୁ ହସ୍ତାନ୍ତର ପୂର୍ବରୁ ପ୍ରସ୍ତାବିତ କିସମ ପରିବର୍ତ୍ତନ, ପରିବେଶ ମଞ୍ଜୁରୀ ଭଳି ବିଭିନ୍ନ ପ୍ରକ୍ରିୟାକୁ ସମ୍ପାଦିତ କରାଯାଇଥିଲା। ପୁନଶ୍ଚ ଶ୍ରୀବସ୍ତପୁର ମୌଜାରେ ଥିବା ଏହି ୩୭.୬୧ ଏକର ଜମିକୁ ମୟୂରଭଞ୍ଜ ଜିଲ୍ଲାର ଦ୍ୱିତୀୟ ବୃହତ ଗ୍ରୀଡ ସ୍ଥାପନ ପାଇଁ ଓପିଟିଏଲକୁ ହସ୍ତାନ୍ତର ପୂର୍ବରୁ ସ୍ଥାନୀୟ ଅଞ୍ଚଳରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବେତନଟୀ ତହସିଲ ପକ୍ଷରୁ ନୋଟିସକୁ ସାର୍ବଜନୀନ କରାଯାଇଥିଲା। ତେବେ ଏ ନେଇ ଆଜି ମଧ୍ୟାହ୍ନରେ ରାଜସ୍ୱ ବିଭାଗ ପକ୍ଷରୁ ତହସିଲ ସୁପରଭାଇଜର ହେମକାନ୍ତ ମହାନ୍ତ, ଅମିନ ବିଷମ୍ବର ସିଂ, ଦେବାଶିଷ ସେଠୀ, ପିଇଓ ଶୁଭ୍ରଜିତ ଦାସ ଓ ଏସଡ଼ିଓ ପ୍ରିୟରଞ୍ଜନ ବେହେରା ଆସି ଘଟଣା ସ୍ଥଳରେ ପହଞ୍ଚି ନିର୍ଦ୍ଧାରିତ ଜମି ମାପିବା ପ୍ରକ୍ରିୟା ଆରମ୍ଭ କରିବାକୁ ବସିଥିବାବେଳେ ବିରୋଧ କରିଥିଲେ ଶତାଧିକ ଗ୍ରାମବାସୀ। ଫଳରେ ସେମାନେ ଫେରିଯାଇଥିଲେ। ଆଗାମୀ ଦିନରେ ସ୍ଥାନୀୟ ତହସିଲଦାର ଓ ବିଡ଼ିଓ ଆସି ସଠିକ ସ୍ଥାନ ନିରୂପଣ କରିବା ପରେ ହିଁ କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି ଦେବେ ବୋଲି ଗ୍ରାମବାସୀ କହିଛନ୍ତି।

## ସିବିଏସ୍‌ଇ ଦଶମ ପରୀକ୍ଷାରେ ସୂର୍ଯ୍ୟାଂଶଙ୍କ ସଫଳତା

**ରାଇରଙ୍ଗପୁର, ୧୬।୪(ସମିସ):** ସିବିଏସଇ ଦଶମ ପରୀକ୍ଷାରେ ତିରିଂ ଥାନା ଅଧିକାରୀ ପ୍ରଶାନ୍ତ ଜେନାଙ୍କ ପୁତ୍ର ସୂର୍ଯ୍ୟାଂଶୁ ଦେବଦତ୍ତ ଜେନା ୯୯.୨ ପ୍ରତିଶତ ନମ୍ବର ରଖି ସଫଳତା ହାସଲ କରିଛନ୍ତି। ସେ ରାଜ୍ୟସ୍ତରରେ ଟପ୍ପର ହୋଇଛନ୍ତି। ଉକ୍ତ ଖବର ପ୍ରଚାର ହେବା ପରେ ତିରିଂ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ସୂର୍ଯ୍ୟାଂଶ ବାଲେଶ୍ୱର ଜିଲ୍ଲା ବାଗୁଡିସ୍ଥ ପିଏମଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟର ଛାତ୍ର ଅଟନ୍ତି। ୫୦୦ରୁ ୪୯୬ ନମ୍ବର ହାସଲ କରିଛନ୍ତି। ତାଙ୍କର ଏହି ଅସାଧାରଣ ସଫଳତା କେବଳ ପରିବାର ପାଇଁ ନୁହେଁ, ସମଗ୍ର ଜିଲ୍ଲା ପାଇଁ ଗର୍ବର ବିଷୟ ହୋଇଛି। ପିତା ତିରିଂ ଅଞ୍ଚଳର ଜନପ୍ରିୟ ପୁଲିସ ଅଧିକାରୀ ଭାବେ ପରିଚିତ ଥିବାବେଳେ ପୁତ୍ର ସଫଳତା ପାଇଁ ଖୁସି ପ୍ରକାଶ କରିଛନ୍ତି। ଏନେଇ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି ବିଶେଷ ଓ ବିଭିନ୍ନ ସଂଗଠନ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।



# ଶକ୍ତିମାନ ଜିମ୍ନାସିୟମର ବାର୍ଷିକ ଉତ୍ସବ ଉଦ୍‌ଯାପିତ




**ବାରିପଦା, ୧୬।୪(ସମିସ):** ବାରିପଦା ଉପକଣ୍ଠ ନଙ୍ଗଳକଟାସ୍ଥ ଶକ୍ତିମାନ ଜିମ୍ନାସିୟମ ତା'ର ୩୫ ତମ ବାର୍ଷିକ ଉତ୍ସବ ଓ ହନୁମାନ ଜୟନ୍ତୀ ନିଜସ୍ୱ ପରିସରରେ ପାଳନ କରିଛି। ଉଦଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ବାରିପଦା ବିଡିଓ ଦେବେନ୍ଦ୍ର ବଳ, ଶିଳ୍ପପତି ମୁରାରୀ ଶର୍ମା, ଗିରିଶ ଦାସ, ଅରୁଣ ସରକାର, କମଳେନ୍ଦୁ ମହାନ୍ତ ଓ ଜେମାମଣି ମହାନ୍ତ ପ୍ରମୁଖ ଯୋଗଦେଇ ଶକ୍ତିମାନ ଜିମର ଆଭିମୁଖ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ଜିମର ପ୍ରତିଷ୍ଠାତା ପରେଶ ମହାନ୍ତ ସମସ୍ତ ଅତିଥିଙ୍କୁ ସମ୍ମାନିତ କରିଥିଲେ। ଏହି ସଭାରେ ମୁଖ୍ୟଅତିଥି ବିଶିଷ୍ଟ କ୍ରୀଡ଼ାବିତ ତଥା ଆନ୍ତର୍ଜାତିକ ଖେଳାଳି ଷ୍ଟ୍ରଙ୍ଗ ଓମେନ ଅଫ ଏସିଆ ଉପାଧିରେ ଭୂଷିତ ହୋଇଥିବା ମନ୍ଦାକିନୀ ମହାନ୍ତ, ଆନ୍ତର୍ଜାତିକ ଖେଳାଳି ବେଷ୍ଟ ପାୱାର ଲିଫ୍ଟର ଅଫ ଇଣ୍ଡିଆ ଭାବେ ପରିଚିତ ସ୍ନେହା ସୋରେନଙ୍କୁ ସମ୍ମାନିତ କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଆ ସିନେ ତାରକା ଅସିତ ପତି, ସମାଜସେବୀ ଅମୂଲ୍ୟ ବେହେରା, ବିଶିଷ୍ଟ ଆରକିଟେକ୍ଟ ଅଙ୍କନ ବସା ପ୍ରମୁଖ ଯୋଗ ଦେଇ ନିଜର ଅନ୍ତରଙ୍ଗ ବନ୍ଧୁ ତଥା ପ୍ରତିଷ୍ଠାତା ପରେଶ ମହାନ୍ତଙ୍କୁ ଶକ୍ତିମାନ ଜିମର ନିଶାମୁକ୍ତ ଅଭିଯାନ, ସୁସ୍ଥ ସମାଜ ଗଢି ତୋଳିବାର ପ୍ରୟାସ, ସୁନ୍ଦର ସ୍ୱାସ୍ଥ୍ୟ ଗଠନ, ଛାତ୍ରଛାତ୍ରୀଙ୍କ ସରକାରୀ ନିଯୁକ୍ତିରେ କେମିତି କ୍ୟାରିୟର ଗଠନ କରିପାରିବେ ପ୍ରଭୃତି ପ୍ରୟାସକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଓଡ଼ିଶାର ସ୍ୱନାମଧନ୍ୟ ଝୁମର କଣ୍ଠଶିଳ୍ପୀ ପମି ଓ ଅନ୍ୟ କଳାକାରଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ଝୁମର କାର୍ଯ୍ୟକ୍ରମ। ଉଦଯାପନୀ ଦିବସରେ ମୁଖ୍ୟ ଆକର୍ଷଣ ସାଜିଥିଲେ ଓଲିଉଡ଼ କଣ୍ଠଶିଳ୍ପୀ ଅସୀମା ପଣ୍ଡା। ଯାହାଙ୍କ ସଙ୍ଗୀତ ପରିବେଷଣରେ ଝୁମିଥିଲେ ଉପସ୍ଥିତ ଦର୍ଶକ। ଏହି କାର୍ଯ୍ୟକ୍ରମରେ ପିଟିପି ଆର୍ଥ ମୁଭିଙ୍ଗ ଆଣ୍ଡ ମାଇନିଂ ତରଫରୁ ଶକ୍ତିମାନ ଜିମର ଆନ୍ତର୍ଜାତିକ, ଜାତୀୟ ଓ ରାଜ୍ୟ ସ୍ତରରେ ଖ୍ୟାତି ଅର୍ଜନ କରିଥିବା କ୍ରୀଡ଼ାବିତଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ତରୁଣ ମହାନ୍ତି, ବିପ୍ଳବ ଭଞ୍ଜନ ବୁଗୁଡ଼େଇ, ପ୍ରିୟବ୍ରତ ଦାସ, ସଜଳ ମଲ୍ଲିକ, ଅମିତାଭ ସାହୁ, ସୌମ୍ୟରଞ୍ଜନ ମିଶ୍ର, ସୁରଜ ଲୋହାର, ଦେବାଶିଷ ପାତ୍ର, ଡା ଲକ୍ଷ୍ମୀକାନ୍ତ ପତି, କାଳୀଚରଣ ନାୟକ ଓ ସୁକୁଲ ମୁର୍ମୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାଣୀଭୋଳ ଆଦର୍ଶ ବିଦ୍ୟାଳୟର ଶତପ୍ରତିଶତ ସଫଳତା

## ଚମକିଲେ ନିଶାନ୍ତ, ଚିରଞ୍ଜିତ, ପ୍ରତୀକ, ସତ୍ୟପ୍ରକାଶ

**ବାରିପଦା, ୧୬।୪(ସମିସ):** ପ୍ରକାଶ ପାଇଥିବା ସିବିଏସସି ଦଶମ ପରୀକ୍ଷା ଫଳରେ ବାରିପଦା ରାଣୀଭୋଳ ଆଦର୍ଶ ବିଦ୍ୟାଳୟ ଶତପ୍ରତିଶତ ସଫଳତା ଦୋହରାଇଛି। ଚଳିତ ବର୍ଷ ୮୧ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ୪ ଜଣ ପରୀକ୍ଷାର୍ଥୀ ୯୫ ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟର ଟେକ ରଖିଛନ୍ତି। ନିଶାନ୍ତ ଭୂୟାଁ (୯୭.୪୦ ପ୍ରତିଶତ), ଚିରଞ୍ଜିତ ଟିପିରିଆ (୯୬.୮୦ ପ୍ରତିଶତ), ପ୍ରତୀକ କୁମାର ପଣ୍ଡା (୯୫.୬୦ ପ୍ରତିଷତ) ଓ ସତ୍ୟପ୍ରକାଶ ମହାପାତ୍ର (୯୫.୨୦)। ସେହିପରି ୮ ଜଣ ୯୦ରୁ ୯୫ ପ୍ରତିଶତ ନମ୍ବର ରଖିଥିବାବେଳେ ୧୩ ଜଣ ୮୦ରୁ ୯୦ ପ୍ରତିଶତ, ୨୦ ଜଣ ୭୦ରୁ ୮୦ ପ୍ରତିଶତ ଓ ୧୭ ଜଣ ୬୦ରୁ ୭୦ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ସଫଳତା ପାଇଁ ଅଧ୍ୟକ୍ଷ ହିମାଂଶୁ ଦାସଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ପିଲାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ଦିବ୍ୟଜ୍ୟୋତି ହାୟର ସେକେଣ୍ଡରୀ ସ୍କୁଲର ସଫଳତା

**ବେତନଟୀ, ୧୬।୪(ସମିସ):** ସିବିଏସଇ ଦଶମ ବୋର୍ଡ଼ ପରୀକ୍ଷାରେ ଦିବ୍ୟଜ୍ୟୋତି କନଭେଣ୍ଟ ସ୍କୁଲ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶତପ୍ରତିଶତ ଫଳାଫଳ ହାସଲ କରିଛି। ୯୮ ପ୍ରତିଶତ ମାର୍କ ରଖି ବନିତ ପାଲ ସ୍କୁଲ ଟପ୍ପର ହୋଇଥିବାବେଳେ ବ୍ଲକ ଟପ୍ପର ମଧ୍ୟ ହୋଇଛନ୍ତି। ୯୪.୨ ପ୍ରତିଶତ ରଖି ରୁଦ୍ରାଂଶ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତୃତୀୟ ସ୍ଥାନ ପ୍ରତ୍ୟୁଷ ରାଣା ସିଂ ୯୨ ପ୍ରତିଶତ ରଖିଥିବାବେଳେ ଚତୁର୍ଥ ସ୍ଥାନରେ ଶ୍ୟାନି ସାଲନିକା ଜେନା ୯୧ ପ୍ରତିଶତ ରଖିଛନ୍ତି। ପଞ୍ଚମ ସ୍ଥାନରେ ଜସ୍ମିତ ଦାସ ୯୦.୪ ପ୍ରତିଶତ ରଖିଥିବାବେଳେ ଷଷ୍ଠ ସ୍ଥାନରେ ପ୍ରଜ୍ଞାନ ବେହେରା ୯୦ ପ୍ରତିଶତ ରଖି କୃତକାର୍ଯ୍ୟ ହୋଇଛନ୍ତି। ସମସ୍ତ ଛାତ୍ରଛାତ୍ରୀ ଓ ଟପ୍ପର ଛାତ୍ରଛାତ୍ରୀଙ୍କୁ ସ୍କୁଲର ଅଧ୍ୟକ୍ଷା ସିଷ୍ଟର ଶ୍ୟାନି. ଭି. ଯୋସେଫ ଶୁଭେଚ୍ଛା ଜଣାଇଛନ୍ତି। ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସ୍କୁଲର ପ୍ରେସିଡେଣ୍ଟ ମଦର ଟେସିନା ସମସ୍ତ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



## ବାହାନଡ଼ାରେ ଉଡ଼ାପର୍ବ



**ବେତନଟୀ, ୧୬।୪(ସମିସ):** ସଠିଲୋ ପଞ୍ଚାୟତର ବାହାନଡା ଗ୍ରାମରେ ଉଡ଼ା ପର୍ବ ଭକ୍ତିମୟ ପରିବେଶରେ ପାଳିତ ହୋଇଯାଇଛି। ଉଡା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି ପର୍ବରେ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଉଡା ପର୍ବ ଅବସରରେ ବିଭିନ୍ନ ପୂଜାର୍ଚ୍ଚନା ଓ ପାରମ୍ପରିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ଗ୍ରାମବାସୀ ଓ ପରିଦର୍ଶକ ଏକାଠି ହୋଇ ଏହି ଉଡା ପର୍ବକୁ ସଫଳ କରିଥିଲେ। ଏ ଅବସରରେ ମା' ଶକ୍ତି କ୍ଲବ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଦହି ସରବତ ବଣ୍ଟନ କରାଯାଇଥିଲା।

### ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ସ୍କୁଲରେ ଅଘଟଣ

# ଛାତ୍ରୀ ସୁରକ୍ଷା ସୁନିଶ୍ଚିତ ନେଇ ପ୍ରଶ୍ନ ଉଠାଇଲା ଜେଏମ୍‌ଏମ୍

**ବାରିପଦା, ୧୬।୪(ସମିସ)**




ରାଜ୍ୟର ଆଦିବାସୀ ଅଞ୍ଚଳର ଶିକ୍ଷା ବ୍ୟବସ୍ଥାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛି ଜେଏମଏମ। ମୟୂରଭଞ୍ଜ ଭଳି ଆଦିବାସୀ ବହୁଳ ଜିଲ୍ଲାରେ ଏହି ସମସ୍ୟା ଅଧିକ ଗମ୍ଭୀର ରୂପ ନେଇଛି। ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ଆଣିବା ପାଇଁ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଏମଆରଏସ, ଆଶ୍ରମ ସ୍କୁଲ ଓ ସେବାଶ୍ରମ ପରି ବିଭିନ୍ନ ଆବାସିକ ବିଦ୍ୟାଳୟ ସ୍ଥାପିତ ହୋଇଛି। ଏହି ସ୍କୁଲରେ ମାଗଣା ଖାଦ୍ୟ, ପୋଷାକ, ପାଠ୍ୟପୁସ୍ତକ ଓ ରହିବାର ସୁବିଧା ଦିଆଯାଉଛି। ଯାହା ଆଦିବାସୀ ସମାଜର ଉନ୍ନତି ପାଇଁ ନିଶ୍ଚୟ ଏକ ସକାରାତ୍ମକ ପଦକ୍ଷେପ। କିନ୍ତୁ ଗତ କିଛି ବର୍ଷର ଘଟଣାବଳୀ ଏହି ବ୍ୟବସ୍ଥାର ଗୁରୁତର ତ୍ରୁଟିକୁ ପ୍ରକାଶ କରିଛି। ମୟୂରଭଞ୍ଜ ଜିଲ୍ଲାରେ ପ୍ରାୟ ୧୬୭ଟି ସ୍କୁଲ ଥିବା ସତ୍ତ୍ୱେ ସେଠାରୁ ବାରମ୍ବାର ଅଘଟଣର ଖବର ଆସୁଛି। ସାପ କାମୁଡା, ପୋଖରୀରେ ବୁଡ଼ିଯିବା, ଖାଦ୍ୟ ବିଷାକ୍ତତା, ଆତ୍ମହତ୍ୟା ପର୍ଯ୍ୟନ୍ତ ଘଟଣା ଅଭିଭାବକଙ୍କ ମନରେ ଭୟ ସୃଷ୍ଟି କରୁଛି। ଏହି ଘଟଣା ଅଧିକାଂଶ ଛାତ୍ରୀଙ୍କ ସହ ଜଡିତ। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ଘଟଣା ପରେ ସମୟମତେ ସୂଚନା ଦିଆଯାଉନାହିଁ। ଡାକ୍ତରୀ ରିପୋର୍ଟ ପାଇବାରେ ବିଳମ୍ବ ହେଉଛି। ତଦନ୍ତ ପ୍ରକ୍ରିୟା ଅନେକ ସମୟରେ କାଗଜପତ୍ରରେ ସୀମିତ ରହୁଛି। ହଷ୍ଟେଲ ପରିଚାଳନାରେ ମଧ୍ୟ ଗୁରୁତର ଅଭାବ ଦେଖାଯାଉଛି। ଗୋଟିଏ ୱାର୍ଡେନଙ୍କ ଉପରେ ୧୦୦ରୁ ୨୦୦ ପିଲାଙ୍କ ଦାୟିତ୍ୱ ଥିବାରୁ ସଠିକ ନିରୀକ୍ଷଣ ସମ୍ଭବ ହେଉନାହିଁ। ଅନେକ ସ୍ଥାନରେ ମହିଳା ୱାର୍ଡେନ ପଦ ଖାଲି ରହିଛି। ସ୍କୁଲଗୁଡିକର ପ୍ରାଥମିକ ଢାଞ୍ଚା ମଧ୍ୟ ଚିନ୍ତାଜନକ। ଭଙ୍ଗା ପାଚେରି, ଝୁଲିଥିବା ବିଦ୍ୟୁତ ତାର, ଖୋଲା ପାଣି ଟାଙ୍କି, ଅପରିଷ୍କାର ଶୌଚାଳୟ ଓ ସାପ ଉପଦ୍ରବ ଛାତ୍ରଛାତ୍ରୀଙ୍କ ପାଇଁ ଦୈନିକ ବିପଦ ସୃଷ୍ଟି କରୁଛି। ଏଥିସହିତ ଛୋଟ ପିଲା ଘରଠାରୁ ଦୂରରେ ରହୁଥିବାରୁ ମାନସିକ ସମର୍ଥନ ଅତ୍ୟାବଶ୍ୟକ। କିନ୍ତୁ କାଉନସେଲିଂ ବ୍ୟବସ୍ଥା ପ୍ରାୟ ନାହିଁ। ଫଳରେ ଛୋଟ ମାନସିକ ସମସ୍ୟା ବଡ଼ ଅଘଟଣରେ ପରିଣତ ହେଉଛି। ସରକାରଙ୍କ କ୍ଷରୁ ସିସିଟିଭି, ବାୟୋମେଟ୍ରିକ ଉପସ୍ଥାନ, ଏମଆଇଏସ ପୋର୍ଟାଲ, ଟୋଲଫ୍ରି ହେଲ୍‌ପଲାଇନ ଓ ଅଭିଯୋଗ କୋଷ ପରି ବ୍ୟବସ୍ଥା ରହିଥିବା ସତ୍ତ୍ୱେ ଏହାର କାର୍ଯ୍ୟକାରିତା ନେଇ ପ୍ରଶ୍ନ ଉଠୁଛି। ଯଦି ସବୁ ବ୍ୟବସ୍ଥା ସଠିକ ଅଛି, ତେବେ ଅଘଟଣ କାହିଁକି ବନ୍ଦ ହେଉନାହିଁ। ବର୍ତ୍ତମାନ ଜିଲ୍ଲାରେ ପ୍ରାୟ ୮୧, ୩୩୬ ଛାତ୍ରଛାତ୍ରୀ ଏହି ବିଭାଗ ଅଧୀନରେ ପଢୁଥିବାବେଳେ, ୧୦୦୦ରୁ ଅଧିକ ଶିକ୍ଷକ ପଦବୀ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତ ଖାଲି ରହିଛି। ଏହା ଶିକ୍ଷା ବ୍ୟବସ୍ଥାର ଅସମତୁଳନକୁ ସ୍ପଷ୍ଟ କରୁଛି। ପ୍ରତ୍ୟେକ ଅଘଟଣର ସ୍ୱଚ୍ଛ ଓ ଦ୍ରୁତ ତଦନ୍ତ ସହ ଦୋଷୀଙ୍କୁ କଠୋର ଶାସ୍ତି ଦିଆଯିବା ଆବଶ୍ୟକ ବୋଲି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ସରକାରଙ୍କ ପାଖରେ ଦାବି କରାଯାଇଛି।

କାକବନ୍ଧ ଆଶ୍ରମ ସ୍କୁଲ ଘଟଣାର ସିବିଆଇ ତଦନ୍ତ କରାଯାଉ। କାରଣ ଏହା ଜଣେ ରୁପାଲୀ ବେଶ୍ରା ମୃତ୍ୟୁ ବିଷୟ ନୁହେଁ। ସମସ୍ତ ହଷ୍ଟେଲରେ ରହୁଥିବା ୮୧୩୩୫ ଛାତ୍ରଛାତ୍ରୀଙ୍କ ଭବିଷ୍ୟତର ସୁରକ୍ଷା ପାଇଁ ଏ ଦାବି। ଦୋଷୀଙ୍କୁ ତୁରନ୍ତ ଗିରଫ କରାଯାଉ ଓ ମୃତ ଛାତ୍ରୀ ରୁପାଲୀ ବେଶ୍ରାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଏଥିସହିତ ସମସ୍ତ ଆବାସିକ ବିଦ୍ୟାଳୟରେ ଆବଶ୍ୟକ ସୁବିଧାକୁ ତୁରନ୍ତ ସୁନିଶ୍ଚିତ କରାଯାଉ। ୧୪ ତାରିଖ ରାତିରେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ କାକବନ୍ଧ ଆଶ୍ରମ ସ୍କୁଲରେ ଘଟିଥିବା ଘଟଣା ପାଇଁ କିଏ ଦାୟୀ ଓ କେଉଁ ପରିସ୍ଥିତିରେ ଛାତ୍ରୀର ମୃତ ଶରୀରକୁ ନେଇଥିଲେ। କିଏ ନେଇଥିଲା ଏହାର ବିଧିବଦ୍ଧ ତଦନ୍ତ କରାଯିବା ସହିତ ନିରୀହ ଲୋକଙ୍କ ବିରୋଧରେ ମାମଲା ରୁଜୁ କରା ନ ଯାଉ ବୋଲି ବାରିପଦା ଦଳୀୟ କାର୍ଯ୍ୟାଳୟରେ ଆହୂତ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ ପ୍ରଶ୍ନ ଉପସ୍ଥାପିତ କରିଛନ୍ତି। ବ୍ୟବସ୍ଥାର ସମାଧାନ ଓ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଜେଏମଏମ ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି।

● ଗୋଧୂଳିରେ ହାତୀପଲର ଉତ୍ପାତ

# ଉଜାଡ଼ିଦେଲେ ମିଠା ମକା ଫସଲ

ଚମ୍ପୁଆ, ୧୬।୪(ସମିସ): ଗୋଧୂଳିରେ ମକା ଚାଷୀଙ୍କ ଦୁଃଖ ପାଲଟିଛନ୍ତି ବଣୁଆ ପଶୁ ଓ ଜଙ୍ଗଲୀ ହାତୀ। ଚିରସ୍ରୋତା ବୈତରଣୀ ନଦୀ ଶୁଖିଲା ପଡିଥିବା ବେଳେ ଚାଷୀ ଖରାଟିଆ ଧାନଚାଷ କରି ନପାରି ସ୍ୱଳ୍ପ ପାଣିରେ ହେଉଥିବା ମକା ଚାଷ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି। ମାତ୍ର ମକା ଚାଷ ଉପରେ ଦାଉ ସାଜୁଛନ୍ତି ଶୁଆ ପକ୍ଷୀ, ଜଙ୍ଗଲୀ ବାରହା ଓ ହାତୀ। ଅମଳକ୍ଷମ ଫସଲ ଉଜୁଡି ଯାଉଥିବା ବେଳେ ଚାଷୀ



ଚାଷକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇଛି। ବାରମ୍ବାର ଫସଲ ନଷ୍ଟକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ କ୍ଷୟକ୍ଷତି ବାବଦକୁ ମିଳୁଥିବା ସହାୟତା ରାଶି କମ ହେବାକୁ ନେଇ ଚାଷୀକୁଳ ଚିନ୍ତା ବ୍ୟକ୍ତ କରିଛନ୍ତି। ସୂଚନା ଅନୁସାରେ, ଚମ୍ପୁଆ ରେଞ୍ଜରେ ହାତୀ ଉପଦ୍ରବ ବର୍ଷସାରା ଲାଗି ରହିଛି। ପୂର୍ବରୁ ଗୋଠ ଗୋଠ ହାତୀପଲ ଗୋଠଛଡା ହୋଇ ଉପଦ୍ରବ ଚଳାଇଛନ୍ତି। ଗତ ରାତି ୩ଟି ବଣୁଆ ହାତୀ ଗୋଧୂଳି ଗ୍ରାମର ଇଶ୍ୱର ନାଏକଙ୍କ ମକା ବାଡ଼ିରେ ପଶି ପ୍ରାୟ ଦେଢ଼ ଏକର ଜମିରେ ଅମଳକ୍ଷମ ମକାଫସଲ ନଷ୍ଟ କରିଛନ୍ତି। ଚାଷୀ ଇଶ୍ୱର ନାଏକ ଚଳିତ ବର୍ଷ ନିଜ ଜମିରେ ମୁଠା ମୁଠା ଟଙ୍କା ଖର୍ଚ୍ଚ କରି ମିଠା ମକା ଚାଷ କରିଥିଲେ। ଏକର ପିଛା ୨୫ରୁ ୩୦ହଜାର ଟଙ୍କା ଖର୍ଚ୍ଚ କରି ଏହି ମକା ଚାଷ କରି ଗଛରେ ଫଳ ଆସିବା ଦିନଠାରୁ ଶୁଆ ପକ୍ଷୀ, ଜଙ୍ଗଲୀ ବାରହା ଦାଉରୁ ଫସଲକୁ ରକ୍ଷା କରିଥିଲେ ବି ହାତୀ ପଲ ଚାଷ ଉଜାଡ଼ି ଦେଇଛନ୍ତି। ଏନେଇ ବନରକ୍ଷୀ ଜ୍ୟୋତିରୂପା ପାଣି କହିଛନ୍ତି ଯେ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସହାୟତା ପ୍ରଦାନ କରାଯିବ।

# ବଡ଼ପଦନାରେ ମା' ଖଣ୍ଡୁରୀଙ୍କ ବାର୍ଷିକ ମେଳା



ଆନନ୍ଦପୁର,୧୬।୪ (ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ବଡପଦନା ଗ୍ରାମର ମା' ଖଣ୍ଡୁରୀ ପୀଠରେ ୧୭ତମ ବାର୍ଷିକ ମେଳା ପଣା ସଂକ୍ରାନ୍ତି ଦିନଠାରୁ ଧାର୍ମିକ ଓ ଆଧାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି। ଏହି ଉତ୍ସବ ଦୀର୍ଘ ୯ ଦିନ ଧରି ଅନୁଷ୍ଠିତ ହେବ। ଏହି ଉତ୍ସବରେ ସ୍ଥାନୀୟ ବିଜେପି ନେତା ପୃଥ୍ୱୀରାଜ କୁଅଁର ଯୋଗ ଦେଇ ମା'ଙ୍କ ଦର୍ଶନ ଲାଭ କରି ସମଗ୍ର ଘଷିପୁରା ଅଞ୍ଚଳବାସୀ ତଥା ଗ୍ରାମବାସୀଙ୍କ ସୁଖ ଏବଂ ଶାନ୍ତି ନିମନ୍ତେ ଆଶିଷ କାମନା କରିଥିଲେ। ଏଥିସହିତ ଶ୍ରୀ କୁଅଁର ସ୍ଥାନୀୟ ଗଡବନ୍ଧଗୋଡା ପଞ୍ଚାୟତର ଭଣ୍ଡାରୀପଡ଼ା ଗ୍ରାମର ମା' ତାରିଣୀ ପୀଠ, ଖଡ଼ିକାଶୁଳବାହାଲି ଗ୍ରାମର ମା' ତାରିଣୀ ପୀଠ, ବରିପାଳ ଗ୍ରାମର ହନୁମାନ ମନ୍ଦିର, ମଦନପୁର ଗ୍ରାମର ମା'ତାରିଣୀ ପୀଠ ଏବଂ ଦାନ୍ତୁଆଣି ମା'ଠାକୁରାଣୀଙ୍କ ପୀଠ ପରିଦର୍ଶନ କରି ପୂଜାର୍ଚ୍ଚନା କରି ସ୍ଥାନୀୟ ଜନସାଧାରଣଙ୍କ ସୁଖଦୁଃଖରେ ସାମିଲ ହୋଇ ଆଲୋଚନା କରିଥିଲେ।

# ଜରଦା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ



ଆନନ୍ଦପୁର, ୧୬।୪ (ସମିସ): ଘସିପୁରା ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଜରଦା ଗ୍ରାମରେ ୧୦୮ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଓ ହରିନାମ ସଂକୀର୍ତ୍ତନ ସମ୍ପନ୍ନ ହୋଇଯାଇଛି। ଗ୍ରାମର ଚନ୍ଦନ ଜେନା, କାଳନ୍ଦୀ ରାଉତ, ନିମାଇଁ ଜେନା, ଦୀପକ ରାଉତ, ଆଦିତ୍ୟ ଭୂୟାଁ, ସତ୍ୟପ୍ରକାଶ ବଳ, ସୁଧାଂଶୁ ବେହେରା ଓ ସୌମ୍ୟରଞ୍ଜନ ରାଉତ ସ୍ଥାନୀୟ ଗୌଡ଼ ପୋଖରୀରୁ ଜଳକଳସ ଆଣି ନାମ ସଂକୀର୍ତ୍ତନ ମଣ୍ଡପରେ ସ୍ଥାପନ କରିଥିଲେ। ବୈଷ୍ଣବ ଜଗନ୍ନାଥ ଦାଶ ଓ ଯତୀନ ଦାଶ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ଗ୍ରାମର ସଂକୀର୍ତନମଣ୍ଡଳୀଙ୍କ ଦ୍ୱାରା ହରେକୃଷ୍ଣ ନାମ ଜପ କରାଯାଇଥିଲା। ଦ୍ୱିତୀୟ ଦିନ ଆବୁଲପୁରା, ଅନ୍ଧାରୀ, ଗୌରାପାଳ, ଗୋଦରାପାଳ, କଣ୍ଟାଝରୀ ଓ ବାଙ୍ଗରକୋଟା ଗ୍ରାମର ସଂକୀର୍ତ୍ତନମଣ୍ଡଳୀଙ୍କ ଦ୍ୱାରା ଅହୋରାତ୍ର ହରି ନାମ ଜପ କରାଯାଇଥିଲା। ତୃତୀୟ ଦିନ ଅପରାହ୍ନରେ ଚନ୍ଦନ ଜେନା ଓ ପ୍ରଶାନ୍ତ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଠାକୁରଙ୍କ ନଗର ଭ୍ରମଣ ଅନୁଷ୍ଠିତ ହୋଇଥିଲା। ବାଙ୍ଗରକୋଟା ଗ୍ରାମର ମହିଳା ଓ ପୁରୁଷଙ୍କ ଭଜନ ଓ ନାମ ସଂକୀର୍ତ୍ତନ ଗ୍ରାମବାସୀଙ୍କ ମନ ମୋହିଥିଲା। ସନ୍ଧ୍ୟାରେ ଦଧିହାଣ୍ଡି ଭଙ୍ଗ କରାଯାଇ ସମସ୍ତଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା। ରଘୁନାଥ ଓଝା, ଗ୍ରାମ୍ୟ କମିଟି ସଭାପତି ସୁରେଶଚନ୍ଦ୍ର ଭୂୟାଁ, ସମ୍ପାଦକ ଲକ୍ଷ୍ମୀଧର ରାଉତ, ଅମୂଲ୍ୟ ଜେନା, କାର୍ତ୍ତିକ ବିଶ୍ୱାଳ, ରବିନନ୍ଦନ ଓଝା ଓ ଗ୍ରାମର ସ୍ୱେଚ୍ଛାସେବୀ ପରିଚାଳନା କରିଥିଲେ।

# ପ୍ରକାଶ ପାଇଲା ସିବିଏସ୍ଇ ଦଶମ ବୋର୍ଡ ଫଳ

● ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ



କେନ୍ଦୁଝର, ୧୫।୪(ସମିସ): ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କେନ୍ଦୁଝରସ୍ଥିତ ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଆଶାନୁରୂପ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ମୋଟ ୮୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସମସ୍ତେ ଉକ୍ତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ମୋଟ ୧୧ ଜଣ ଛାତ୍ରଛାତ୍ରୀ ୯୦% ଉପରେ ନମ୍ବର ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ସେମାନେ ହେଲେ ମହେଶରାମ ମହାନ୍ତ (୯୭.୪%), ପ୍ରୀତିପ୍ରିୟଦର୍ଶିନୀ ବଳ(୯୬.୮%), ସାଇକ୍ରିଷ୍ଣା ପଣ୍ଡା(୯୪.୬%), ଦିବ୍ୟାଶା ବେହେରା(୯୪.୨%), ସିମରନ ମହାନ୍ତ (୯୨.୬%), ପ୍ରତୀକ୍ଷା ପ୍ରିୟଦର୍ଶୀ(୯୨.୪%), ସାଇପ୍ରତ୍ୟୁଷ ସାମଲ(୯୧.୮%), ପ୍ରତ୍ୟୁଷ କିରନ(୯୧.୮%), ରିଶପ ଶ୍ରେୟାଂଶ ଭୂୟାଁ(୯୦.୮%), ଜାନଭି ଚାୱଡା (୯୦.୪%) ଏବଂ କିଙ୍ଗ ଶିବୁଲି ମୁର୍ମୁ (୯୦.୨%)। ବିଦ୍ୟାଳୟର ଏହି ସଫଳତା ପାଇଁ ଅଧ୍ୟକ୍ଷ ସୁଶାନ୍ତ କୁମାର ସାହୁ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଧନ୍ୟବାଦ ଜଣାଇବା ସହ ଛାତ୍ରଛାତ୍ରୀମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

● ଚମ୍ପୁଆ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ



ଚମ୍ପୁଆ:ଚମ୍ପୁଆ ଶିକ୍ଷାନଗରୀଠାରେ ଥିବା କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଶତ ପ୍ରତିଶତ ଫଳାଫଳ ହୋଇଛି। ବିଦ୍ୟାଳୟର କୃତୀ ଛାତ୍ର ଅସଦ କମାଲ ୯୮.୪, ମନୟତସ୍ମିତି ପ୍ରଧାନ ୯୭. ୮ ଓ ଶ୍ରେୟାଂଶ ସାହୁ ୯୫.୬ ପ୍ରତିଶତ ନମ୍ବର ରଖିଥିବା ବେଳେ ୨୭ ଜଣ ୯୦ ପ୍ରତିଶତ, ୫୯ ଜଣ ୮୦ ପ୍ରତିଶତ, ୬୮ ଜଣ ୭୦ ପ୍ରତିଶତ ଏବଂ ୯୧ ଜଣ ୬୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତାକୁ ନେଇ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ପି.ଏସ ରାଜମୋହନ, ସଂପାଦିକା ଉମା ରାଜମୋହନ, ଅଧକ୍ଷ ବିଜୟ କୁମାର ଭାରତି, ମ୍ୟାନେଜର ମୁରଲୀଧରନ କେଏଫ ଓ ପରିଚାଳନା ମୁଖ୍ୟ ଦୈତାରି ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଏହି ସଫଳତାକୁ ନେଇ ସାଧୁବାଦ ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

● ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲ



ଆନନ୍ଦପୁର: ଆନନ୍ଦପୁର ଉପଖଣ୍ଡର ଏକମାତ୍ର ସିବିଏସଇ ମାନ୍ୟତାପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନ ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲର ସିବିଏସଇ ଦଶମବୋର୍ଡ ପରୀକ୍ଷା ଫଳ ପ୍ରକାଶ ପାଇଛି। ସ୍କୁଲର ଶତପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଆଶୁତୋଷ ମିଶ୍ର, ଆର୍ଯ୍ୟକୀର୍ତ୍ତି ସ୍ୱାଇଁ, ଚପ୍ରିୟାଂଶୁ ଶେଖର ଜେନା, ଅମର କୁମାର ହେମ୍ବ୍ରମ,ରୋଜାଲିନଶତପଥୀ,ପ୍ରିୟଙ୍କାଦାଶପ୍ରମୁଖନବେପ୍ରତିଶତମାର୍କରୁଅଧିକରଖିଥିବାବେଳେଅଧିକାଂଶଛାତ୍ରଛାତ୍ରୀ ୮୦ ପ୍ରତିଶତ ମାର୍କ ରଖିଛନ୍ତି। ବିଶେଷ ଭାବେ ସରକାରଙ୍କର ଅନ୍ୱେଷା ଯୋଜନା ରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ଶତପ୍ରତିଶତ ରେଜଲ୍ଟ ହୋଇଥିବାରୁ ସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି କବି ଡ.ଅଶୋକ କୁମାର ପୁହାଣ ଖୁସି ବ୍ୟକ୍ତ କରିବା ସହିତ ଏହାର ଶ୍ରେୟ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଅଭିଭାବକଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି।

● ଖେଣ୍ଡରା କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ଓଏଭି

ବାଲିବନ୍ଧ: ସିବିଏସ୍ଇ ଦଶମ ଶ୍ରେଣୀ ପରୀକ୍ଷାରେ ଖେଣ୍ଡରାସ୍ଥିତ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ପାଇଛନ୍ତି। ସମୁଦାୟ ୫୧ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୯୩.୬% ନମ୍ବର ରଖି କମଳ ସିହ୍ନା ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ୪ଜଣ ୯୦ପ୍ରତିଶତ, ୧୨ ଜଣ ୮୦ପ୍ରତିଶତରୁ ଅଧିକ, ୧୩ଜଣ ୭୦ପ୍ରତିଶତରୁ ଅଧିକ ଏବଂ ୬୦ପ୍ରତିଶତରୁ



ଅଧିକ ନମ୍ବର ଉତ୍ତୀର୍ଣ୍ଣ ହୋଇଥିବା ବିଦ୍ୟାଳୟର ପ୍ରିନ୍ସପାଲ ସୁଶ୍ରୀ ଶୁଭ୍ରା ମହାନ୍ତି ସୂଚନା ଦେଇଛନ୍ତି। କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ଚେୟାରମ୍ୟାନ ପିଏସ ରାଜମୋହନ ଏବଂ ବିଦ୍ୟାଳୟ ପ୍ରିନ୍ସପାଲ ଶୁଭ୍ରା ମହାନ୍ତି ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଖେଣ୍ଡରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀ ମଧ ଶତ ପ୍ରତିଶତ ସଫଳତା ପାଇଛନ୍ତି। ୭୩ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭୨ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ୯୬.୮%ନମ୍ବର ରଖି ବିଯୁଟିରାଣୀ ମହାନ୍ତ ବିଦ୍ୟାଳୟର ଟପ୍ପର ହୋଇଥିବା ବେଳେ ୧୨ଜଣ ୯୦ପ୍ରତିଶତରୁ ଅଧିକ, ୧୩ଜଣ ୮୦ପ୍ରତିଶତରୁ ଅଧିକ, ୧୯ଜଣ ୭୦ପ୍ରତିଶତରୁ ଅଧିକ ଏବଂ ୬୦ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ପ୍ରିନ୍ସପାଲ ନିବେଦିତା ରାଉତ ସୂଚନା ଦେଇଛନ୍ତି।

# କୃଷି ଗବେଷଣା କେନ୍ଦ୍ର ଓ ଶୀତଳ ଭଣ୍ଡାର ପ୍ରତିଷ୍ଠା ଦାବି

ହାଟଡ଼ିହୀ,୧୬।୪(ସମିସ): ବିକାଶକୁ ନେଇ କେନ୍ଦୁଝର ଜିଲ୍ଲା ବର୍ତ୍ତମାନ ଚର୍ଚ୍ଚାରେ ରହିଛି। ଜିଲ୍ଲାରେ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପ୍ରୟାସ ଜାରି କରାଯାଇଥିବାବେଳେ ବିଭିନ୍ନ ଶିଳ୍ପ କାରାଖାନା ଓ ବିକାଶ ପାଇଁ ମାଷ୍ଟର ପ୍ଲାନ କରାଯାଇଛି। ଜିଲ୍ଲାରେ ଆନନ୍ଦପୁର ଉପଖଣ୍ଡର ବହୁତ ଗୁରୁତ୍ୱ ରହିଛି। ଏଠାରେ ଥିବା ବୈତରଣୀ ଓ ସାଳନ୍ଦୀ ନଦୀର ମଧୁର ପାଣି, ଉନ୍ନତମାନର ବାଲି, ଲଘୁଖଣିଜ ସମ୍ପଦ, କ୍ରୋମାଇଟ ଆଦି ଥିବା ବେଳେ ଚାଷ କ୍ଷେତ୍ରରେ ଅଗ୍ରଗତି ଲାଭ କରିଛି ଆନନ୍ଦପୁର ମାଟି। କେନ୍ଦୁଝର ଜିଲ୍ଲାରୁ କୋଟି କୋଟି ଟଙ୍କା ରାଜସ୍ୱ ପାଉଥିବାବେଳେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କର ଦୂରଦୃଷ୍ଟି ଓ ଦକ୍ଷତା ଅଭାବରୁ ଟଙ୍କା ଖର୍ଚ୍ଚ ଠିକ୍ ଭାବେ ହୋଇପାରୁ ନଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ଯଦି ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀଠାରେ ଆନନ୍ଦପୁର କୃଷି ଗବେଷଣା କେନ୍ଦ୍ର ଏବଂ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯାଇପାରନ୍ତା ତେବେ ଏ ଅଞ୍ଚଳର ବିକାଶ ଦ୍ରୁତଗତିରେ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଆନନ୍ଦପୁର ଉପଖଣ୍ଡସ୍ଥ ହାଟଡ଼ିହୀ ବ୍ଲକଟି ଚାଷ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଥିବା ବେଳେ ଶୀତଳ ଭଣ୍ଡାର ଅଭାବରୁ ଚାଷୀମାନେ ଅଭାବୀ ବିକ୍ରିର ଶିକାର ହୋଇଥାନ୍ତି। ତା'ଛଡା ପ୍ରାକୃତିକ ବିପର୍ଯ୍ୟୟ ଚାଷୀମାନଙ୍କର ଆର୍ଥିକ ସ୍ଥିତି ଦୋହଲାଇ ଦେଇଥାଏ। ଏପରିସ୍ଥଳେ ଯଦି ଏଠାରେ କୃଷି ଗବେଷଣା କେନ୍ଦ୍ର ସହ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯା'ନ୍ତା ତେବେ ବେକାରୀ ସମସ୍ୟା ଦୂର ହେବା ସହିତ ଚାଷ କ୍ଷେତ୍ରରେ ଅଞ୍ଚଳଟି ରାଜ୍ୟର ପ୍ରମୁଖ ସ୍ଥାନ ଅଧିକାର କରିପାରନ୍ତା ବୋଲି ବୁଦ୍ଧିଜୀବୀ, ଶିକ୍ଷାବିତ୍ ଓ ବରିଷ୍ଠ ନାଗରିକମାନେ ମତପୋଷଣ କରିଛନ୍ତି।

# ଯୋଡ଼ା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଥଣ୍ଡାଜଳ ମେସିନ୍ ଲୋକାର୍ପିତ



ଯୋଡ଼ା, ୧୬।୪(ସମିସ): ଖଣି ଅଞ୍ଚଳର ଉଷ୍ମତାରୁ ଜନସାଧାରଣଙ୍କୁ ଶାନ୍ତ ଓ ସୁସ୍ଥ ରଖିବା ଉଦ୍ଦେଶ୍ୟରେ ଯୋଡ଼ା ଟ୍ରକ ମାଲିକ ସଂଘ ପକ୍ଷରୁ ଏକ ଥଣ୍ଡା ପାଣି (କୋଲ୍ଡୱାଟର) ମେସିନ ଦେଓଝର ତାରିଣୀ ଛକରେ ସ୍ଥାପନ କରାଯାଇଛି। ଗରମ ଦିନରେ ଏହା ଲୋକଙ୍କ ପାଇଁ ବହୁତ ଉପକାରୀ ହେବ ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି। ସଂଘର କର୍ମକର୍ତ୍ତାମାନେ କହିଛନ୍ତି ଯେ ସଙ୍ଘ ପକ୍ଷରୁ ଏପରି ସାମାଜିକ କାର୍ଯ୍ୟ ଜାରି ରହିବ। ସ୍ଥାନୀୟ ଅଞ୍ଚଳରେ ଏହି ପଦକ୍ଷେପକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଘ ସଭାପତି ମାତାପ୍ରସାଦ ଜୟସ୍ୱାଲ, ସମ୍ପାଦକ ସୁଶାନ୍ତ କୁମାର ବାରିକ, କୋଷାଧ୍ୟକ୍ଷ ରାଜେଶ ରୋଶନ, ଉପସଭାପତି ବିଜୟ ଆପଟ, ସହସମ୍ପାଦକ ଅଶୋକ କାରୁଆଙ୍କ ସହ ଜନସାଧାରଣ ଉପସ୍ଥିତ ଥିଲେ।

# ଶାଳବଣି କଲେଜରେ ରକ୍ତଦାନ ଶିବିର

ଆନନ୍ଦପୁର, ୧୬।୪ (ସମିସ): ଆନନ୍ଦପୁର ବ୍ଲକ୍ ଶାଳବଣି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ଯୁବରେଡକ୍ରସ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ମୋଟ୍ ୧୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କଲେଜ ଅଧ୍ୟକ୍ଷ ନରହରି ଜେନାଙ୍କ ସଂଯୋଜନାରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଅତିଥିଭାବେ ଯୋଗ ଦେଇଥିଲେ। କଲେଜର ପୂର୍ବତନ ଅଧ୍ୟକ୍ଷ ପଦ୍ମନାଭ ମିଶ୍ର, ସମାଜସେବୀ ସତ୍ୟାନନ୍ଦ ମିଶ୍ର, ସାମ୍ବାଦିକ କିଶୋର ଆଚାର୍ଯ୍ୟ, ସାମ୍ବାଦିକ ପାର୍ଥସୌରଭ ସା, ସ୍ୱେଚ୍ଛାସେବୀ ଲାଲୁପ୍ରସାଦ ସାମନ୍ତରାୟ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶାଳବଣି ମେଡିକାଲ ଅଧିକାରୀ ଡାକ୍ତର ଦୀପକ ବେହେରା ରକ୍ତଦାତାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ଷ୍ଟାଫନର୍ସ ସୌମ୍ୟପ୍ରଭା ପତି, କର୍ମଚାରୀ ଅଶୋକ ସୁର, ଶରତ ଓଝା, ଦିବ୍ୟସାଗର ସିଂହ, ପୂର୍ଣ୍ଣଚନ୍ଦ୍ର ମାଝୀ ପ୍ରମୁଖ ରକ୍ତସଂଗ୍ରହ କରିଥିଲେ। ସଂଯୋଜକ ଶତ୍ରୁଘ୍ନ ସାହୁଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀ ସୌରଭ କାନୁନଗୋ, ଅଧ୍ୟାପକ ଅଶୋକ ରାଜ୍, ନିହାର ରଞ୍ଜନ ସାମଲ, ସୌଦାମିନୀ ମିଶ୍ର, କନ୍ୟାକୁମାରୀ ସାହୁ, ରିଙ୍କିନା ଜେନା, ଅନାଦି ଚରଣ ସାହୁ, କ୍ଷୀରୋଦ ପ୍ରସାଦ ଷଡଙ୍ଗୀ, ମାଧବାନନ୍ଦ ସାହୁ, ବାସନ୍ତୀଲତା ଓଝା, ଛାତ୍ରଛାତ୍ରୀ ସୋନମ୍ ନାଥ, ଶ୍ୱେତାସିନୀ ସାହୁ, ଶୁଭସ୍ମିତା ସାହୁ, ପ୍ରିୟଦର୍ଶିନୀ ବାରିକ୍, ସୋନାଲି ସାହୁ, ସୋନାଲି ରଣା, ଗୌତମ ଯତି, ସୌମ୍ୟରଂଜନ ସାହୁ, ମମତା ସାହୁ, ଶ୍ରାବଣୀ ଦାସ, ଇନ୍ଦୁମତି ଘଡେଇ, ରଚନା ଘଡେଇ, ମଧୁସ୍ମିତା ବେହେରା, ପୀତବାସ ପଲେଇ, ପୂଜାରିଣୀ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ।



# ଗୋଡ଼ିପାଟଣାରେ ହନୁମାନ ମନ୍ଦିର ପ୍ରତିଷ୍ଠା

ଆନନ୍ଦପୁର,୧୬।୪(ସମିସ): ପବିତ୍ର ହନୁମାନ ଜୟନ୍ତୀ ଅବସରରେ ଆନନ୍ଦପୁର ଉପଖଣ୍ଡସ୍ଥ ମଦନପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୋଡ଼ିପାଟଣାଠାରେ ପବନ ତନୟ ହନୁମାନଙ୍କ ପୂଜାର୍ଚ୍ଚନା ନିମନ୍ତେ ମନ୍ଦିର ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ଅଙ୍କୁରାରୋପଣ ପରେ ଯଜ୍ଞ କାର୍ଯ୍ୟ ତଥା ବାନା ବନ୍ଧନ ହୋଇଥିଲା। ସନ୍ଧ୍ୟାରେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରୁ ବହୁସଂଖ୍ୟକ ଭକ୍ତବୃନ୍ଦଙ୍କ ସମାହାରରେ ଭଜନ, କୀର୍ତ୍ତନ ହୋଇଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୁରୁଷୋତ୍ତମ ମହାରଣାଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ପ୍ରଭୁରଂଜନ ମହାରଣା ସଙ୍କଳ୍ପରେ ଉପବେଶନ କରିଥିଲେ। ବରିଷ୍ଠ



ସଙ୍ଗୀତ ଗୁରୁ ବନମାଳି ସାହୁ ୯୨ ବର୍ଷ ବୟସରେ ହନୁମାନ ଭଜନ ଗାନ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପୂର୍ବତନ ନାଏବ ସରପଞ୍ଚ କୁନ୍ତଳା ସାହୁ, କାଙ୍ଗାଳି ଚରଣ ସାହୁ, ପୂର୍ବତନ ବ୍ୟାଙ୍କ ପରିଚାଳକ ନାରାୟଣ ମହାରଣା, ପ୍ରଦୀପ ସାହୁ, ଜ୍ଞାନ ସାହୁ, କବି ସାହୁ, ନୀଳମଣି ସାହୁ, କାହ୍ନା ଓଝା, ସଦାନନ୍ଦ ସାହୁ, ପ୍ରହ୍ଲାଦ ସାହୁ, ଦୁର୍ଯ୍ୟୋଧନ ଓଝା, ଓମପ୍ରକାଶ ମହାରଣା, ରୁଦ୍ରପ୍ରସାଦ ମହାରଣା, କୈଳାସଚନ୍ଦ୍ର ସାହୁ ନିରଞ୍ଜନ ସାହୁ, ଅଲେଖ ସାହୁ, ଡମ୍ବରୁ ବାବା ତଥା ଗୋଡ଼ିପାଟଣା ବଜରଙ୍ଗ କମିଟିର ସଦସ୍ୟବୃନ୍ଦଙ୍କ ସହଯୋଗରେ ଅନୁଷ୍ଠିତ ଏହି ଉତ୍ସବଟି ସମ୍ପୃକ୍ତ ଅଞ୍ଚଳରେ ଏକ ଅଭୁତପୂର୍ବ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ସ୍ୱନାମଧନ୍ୟ ପୁରୋହିତ ପଞ୍ଚାନନ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ। ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଶିଷ୍ଟ ଆଇନଜୀବୀ ଅଜୟ ମହାରଣା, ବିଜେପି ଯୁବନେତା ପପୁ କୁଅଁର ଏବଂ ସ୍ଥାନୀୟ ସରପଞ୍ଚ ହିମାଂଶୁ ଶେଖର ଜେନା ଅତିଥି ରୂପେ ଯୋଗ ଦେଇଥିଲେ।

# ରାଜ୍ୟ ପ୍ରବନ୍ଧ ପ୍ରତିଯୋଗିତାରେ ପୂଜାରାଣୀଙ୍କୁ ସଫଳତା



ତେଲକୋଇ, ୧୬।୪(ସମିସ): ତେଲକୋଇସ୍ଥିତ ଚାରିଗଡ଼ ମହାବିଦ୍ୟାଳୟରେ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ରାଜ୍ୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତାରେ ସଫଳତା ଲାଭ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତା ହୋଇଥିବା ଓଡ଼ିଆ ସମ୍ମାନ ବିଭାଗ ଛାତ୍ରୀ ସୁଶ୍ରୀ ପୂଜାରାଣୀ ସାହୁଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନ ତଥା ତେଲକୋଇ ବ୍ଲକର ଗୌରବ ବୃଦ୍ଧି ନିମନ୍ତେ ଅଧକ୍ଷ ଡ଼ଃ ତପନ କୁମାର ପଣ୍ଡାଙ୍କ ଦ୍ୱାରା ସୁଶ୍ରୀ ପୂଜାଙ୍କୁ ମାନପତ୍ର, ଉତ୍ତରୀୟ ଓ ପ୍ରୋତ୍ସାହନ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଦେଉଳଡ଼ିହା ଗ୍ରାମର ନାରାୟଣ ସାହୁ ଓ ଇନ୍ଦୁମତୀ ଦେବୀଙ୍କ ସୁପୁତ୍ରୀ କୃତୀ ଛାତ୍ରୀ ପୂଜାରାଣୀ ସାହୁ ନିଜର ଅଭିଭାଷଣରେ ପିତାମାତା, ଶିକ୍ଷକଙ୍କ ପ୍ରେରଣା, ଆଶୀର୍ବାଦ ଓ ଅନୁଷ୍ଠାନର ଅକୁଣ୍ଠ ସହଯୋଗ ତାଙ୍କର ଏପରି ସଫଳତାର ମୂଳ ବୋଲି କହିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଓଡିଆ ବିଭାଗର ମୁଖ୍ୟ ସନ୍ଦୀପ ସିଂ, ସଞ୍ଜୟ ଦେହୁରୀ, ସାଜନ୍ ଖୁଣ୍ଟିଆ, ବରିଷ୍ଠ ଅଧାପିକା ସୁଶ୍ରୀ ପାର୍ବତୀ ସାହୁ, ରଶ୍ମିତା ପଟେଲ, ବାରିଆଲ ମାରାଣ୍ଡି, ଯୋଗେଶଚନ୍ଦ୍ର ବେହେରା, ଡଃ ନିତ୍ୟାନନ୍ଦ କର, ଟୁନାରାମ ମହାନ୍ତ ଓ କର୍ମଚାରୀ ବିପିନ ବିହାରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

# ପୁରୁଣାବାନ୍ଧଗୋଡ଼ା ଘୂର୍ଣ୍ଣିଝଡ଼ ସ୍ମାରକୀ ସ୍ତମ୍ଭରେ ସ୍ମୃତିସଭା

ଆନନ୍ଦପୁର, ୧୬।୪(ସମିସ):



ଘସିପୁରାବ୍ଲକଅନ୍ତର୍ଗତପୁରୁଣାବାନ୍ଧଗୋଡ଼ାରେ ୧୯୭୮ ମସିହା ଘୂର୍ଣ୍ଣିବାତ୍ୟା ସାରା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ଇତିମଧ୍ୟରେ ଏହି ଘୂର୍ଣ୍ଣିବାତ୍ୟାକୁ ୪୮ ବର୍ଷ ପୂରିଛି। ଏହିକ୍ରମରେ ପୁରୁଣାବାନ୍ଧଗୋଡା ସ୍ମୃତିସ୍ତମ୍ଭଠାରେ ନିଉ ଜେନେରେସନ କ୍ଲବ ପକ୍ଷରୁ ତାରିଣୀ ପ୍ରସାଦ ପଟ୍ଟନାୟକଙ୍କ ପରିଚାଳନାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ବଳରାମଧୀର ଉଚ୍ଚବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିର୍ମଳଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଡିଏଫ୍ଓ ପ୍ରଶାନ୍ତ କୁମାର ପଣ୍ଡା, ମୁଖ୍ୟବକ୍ତା ଭାବେ ଗ୍ରାମର ସୁଯୋଗ୍ୟ ସନ୍ତାନ ତଥା ଓଡ଼ିଶାର ଲଘୁଖଣିଜ ବିଭାଗର ନିର୍ଦ୍ଦେଶକ ଡ଼ଃ କାହ୍ନୁଚରଣ ଧୀର, ସମ୍ମାନିତ ଅତିଥି ଭାବେ ପୁରୁଣାବାନ୍ଧଗୋଡା ମେଡିକାଲ ଡ଼ାକ୍ତର ଦୀନକୃଷ୍ଣ ଜଗନ୍ନାଥ, ଆୟୁଷ ଡାକ୍ତର ଆଶୁତୋଷ ଜେନା, ପ୍ରଜାପିତା ବ୍ରହ୍ମାକୁମାରୀ ବିକେ ସୁଚିତ୍ରା ଭଉଣୀ ପ୍ରମୁଖ ସ୍ମୃତି ସ୍ତମ୍ଭ ନିକଟରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଦୁଇମିନିଟ ନିରବ ପ୍ରାର୍ଥନା କରିଥିଲେ। ପରେ ଘୂର୍ଣ୍ଣିଝଡ଼ର କରାଳ ରୂପ, ମୃତ୍ୟୁର ତାଣ୍ଡବ ଲୀଳାରେ ଧ୍ୱଂସ ସ୍ତୁପ ପାଲଟିଥିବା ପୁରୁଣା ବାନ୍ଧଗୋଡା ଗ୍ରାମର ସେଦିନର ହୃଦୟ ବିଦାରକ ଦୁଃଖଦ ସ୍ମୃତିକୁ ଅଙ୍ଗେ ନିଭାଇଥିବା ବ୍ୟକ୍ତି ନିରଞ୍ଜନ ଧୀର, ବୈଷ୍ଣବ ସେନାପତି, ସୋମନାଥ ଧୀର, ସନ୍ତୋଷ ଧୀର, ବନବିହାରୀ ପଟ୍ଟନାୟକ, ବ୍ରଜକିଶୋର ସେନାପତି, ମଦନ ପଟ୍ଟନାୟକ, ଗୋପୀ ପଟ୍ଟନାୟକ, ସେବତୀ ନାୟକ, ଅର୍ଜୁନ ମଲ୍ଲିକ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଏହି ଅବସରରେ ଗାଁର ଦୁଇ ପ୍ରତିଭାବାନ ଛାତ୍ର ଆଦିତ୍ୟ ମଲିକ, ନିତିଶ ପଟ୍ଟନାୟକ, ଘୂର୍ଣ୍ଣିଝଡ଼ରେ ପାଞ୍ଚ ଜଣ ସଦସ୍ୟଙ୍କୁ ହରାଇଥିବା ମା' ସେବତୀ ନାୟକ, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ଼ଃ ରତିକାନ୍ତ ବରାଳ, ମାନସ ନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଶୋକସଭାକୁ ନିଉ ଜେନେରେସନ କ୍ଲବ ସଭାପତି ଆଶୁତୋଷ ମାଝୀ, ଅଙ୍କିତ ପଟ୍ଟନାୟକ, ସୁକାନ୍ତ ଜେନା, ଦୀପକ ଶା, ଅଭିଷେକ ମାଝୀ, ରଂଜିତ ଧୀର, ଅଶୋକ ପଟ୍ଟନାୟକ, ପାପୁନ ମାଝୀ, ରିଙ୍କିନ ମାଝୀ, ପିଙ୍କୁ ମାଝୀ, ବଳରାମ ବାରିକ, ଗୋବିନ୍ଦ ମଲ୍ଲିକ ପରିଚାଳନା କରିଥିବାବେଳେ ସୁଧାଂଶୁ ଶେଖର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଧନୁର୍ଜୟ ନାରାୟଣ ଉଚ୍ଚବିଦ୍ୟାଳୟରେ ଆଇନ ସଚେତନତା



କେନ୍ଦୁଝର, ୧୬।୪(ସମିସ): କେନ୍ଦୁଝର ଜିଲ୍ଲା ଆଇନସେବା ପ୍ରାଧିକରଣ ଆୟୋଜନରେ ଧନୁର୍ଜୟ ନାରାୟଣ ଉଚ୍ଚବିଦ୍ୟାଳୟ ନାଟ୍ୟ ମଣ୍ଡପଠାରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଇ. ବିଘ୍ନେଶ୍ୱର ରାଓ, ଆଇନସେବା ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ଯୋଗ ଦେଇଥିଲେ। ଉପଖଣ୍ଡୀୟ ଆରକ୍ଷୀ ଅଧିକାରୀ ସୁଦର୍ଶନ ଗାଙ୍ଗୋଇ, ସହକାରୀ ବନ ସଂରକ୍ଷକ ଅଶୋକ ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସଂଉଦ୍‌ବୋଧନ ଦେଇଥିବାବେଳେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନଶିକ୍ଷକ ପ୍ରବୀଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବୋଦାପଳଶାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓ ଶିକ୍ଷକ ଅମରେନ୍ଦ୍ର ମହାରଣାଙ୍କ ରଚିତ ଓ ଶିକ୍ଷକ ପଙ୍କଜ ସାମଲଙ୍କ ନିର୍ଦ୍ଦେଶିତ ବାଲ୍ୟବିବାହ ନିରାକରଣ ଉପରେ ନାଟିକା 'ମିତାର ସଂଗ୍ରାମ' ମଞ୍ଚସ୍ଥ ହୋଇଥିଲା। ଡିଏନ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ ସ୍ମରଣିକା 'ବିକାଶ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉକ୍ତ ସ୍ମରଣିକାରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀଙ୍କ ଲେଖା ସ୍ଥାନ ପାଇଛି। ଅତିଥିମାନଙ୍କ ଦ୍ୱାରା ନାଟିକା କୁନି କୁନି ଅଭିନେତ୍ରୀ ଓ ଅଭିନେତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଓ ପ୍ରାଧିକରଣ କର୍ମୀ ପରିଚାଳନା କରିଥିଲେ।

# ରାସ୍ତା ଉପରେ ବସୁଛି ହାଟ, ଯାତାୟାତରେ ସମସ୍ୟା

ଗୋରୁମହିଷାଣୀ, ୧୬ା୪(ସମିସ): ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ କୁଲେଇଶିଳା ପଞ୍ଚାୟତ ଏକ ପ୍ରମୁଖ ପଞ୍ଚାୟତ। ଏହା ସର୍ବାଧିକ ରାଜସ୍ୱ ଆଦାୟ କରୁଥିବା ପଞ୍ଚାୟତ। ମଙ୍ଗଳବାର ଏଠାରେ ସାପ୍ତାହିକ ହାଟ ବସେ। ଏହି ହାଟ ସର୍ବପୁରାତନ ହାଟ ଭାବେ ପରିଚିତ ଅଟେ। ହାଟରେ ଛେଳି, କୁକୁଡ଼ାଠାରୁ ସବୁ ପ୍ରକାର ଜିନିଷର କିଣାବିକା ହୋଇଥାଏ। ହାଟକୁ ଆଖପାଖ ବ୍ଲକର ଲୋକ ସହିତ ପଡ଼ୋଶୀ ଝାଡ଼ଖଣ୍ଡ ରାଜ୍ୟର ଲୋକ ଏହି ହାଟ ଉପରେ ନିର୍ଭର କରନ୍ତି। ନିକଟରେ ଏହି ହାଟକୁ ଏକ ଆଦର୍ଶ ହାଟ ମାନ୍ୟତା ସରକାର ଦେଇଛନ୍ତି। ପଞ୍ଚାୟତର ନିଜସ୍ୱ ଜାଗା ଯଥେଷ୍ଟ ନ ଥିବା ହେତୁ ହାଟଟି ରେଳବାଇ ଜାଗାରେ ମଧ୍ୟ ବସିଥାଏ। ହାଟକୁ ସରକାର ଆଦର୍ଶ ହାଟ ମାନ୍ୟତା ପ୍ରଦାନ କରିଥିଲେ ମଧ୍ୟ ବହୁତ ଦୋକାନୀ ରାସ୍ତା ଦୁଇ କଡ଼ରେ ବସିଥା'ନ୍ତି। ଫଳରେ ଟ୍ରାଫିକ ସମସ୍ୟା ହେଉଛି। ବିଶେଷ ଭାବେ ନାରାନ ଛକଠାରୁ ଥାନାକୁ ଯାଇଥିବା ରାସ୍ତା ଗହଳି ହୋଇଥାଏ। ସେହି ରାସ୍ତା ଦେଇ ଥାନା, ଫରେଷ୍ଟ ଅଫିସ, ପଶୁ ଡାକ୍ତରଖାନା, ରେଲୱେ ଷ୍ଟେସନ, ବିବେକାନନ୍ଦ ଶିକ୍ଷାନିକେତନ ସ୍କୁଲକୁ ଯିବାକୁ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ୧୦୮ ଗାଡ଼ି ମଧ୍ୟ ଏହି ରାସ୍ତା ଦେଇ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ଯାତାୟାତ



କରିଥାଏ। ବାଇକ୍ ଚାଳକ ଓ ଅନ୍ୟାନ୍ୟ ଯାନବାହନ ମଧ୍ୟ ଚଳାଚଳ ବହୁ ସଂଖ୍ୟାରେ ହୋଇଥାଏ। ରାସ୍ତାଟି ହାଟ ଦିନ ବହୁତ ଗହଳି ହେଉଥିବାରୁ ଉପରୋକ୍ତ ଅଫିସକୁ ଲୋକଙ୍କୁ ଯିବା ଆସିବାରେ ଅନେକ ଅସୁବିଧା ହୋଇଥାଏ। ବିଗତ ଦିନରେ ହାଟ ଦିନ ହିଁ ଏକ ଗୁଳିକାଣ୍ଡ ହୋଇଥିଲା। ତା'ସହିତ ହାଟ ଦିନ ଛୋଟବଡ଼ ଚୋରି ମଧ୍ୟ ହୋଇଥାଏ। ରାସ୍ତା ଜନଗହଳି ଥିବାରୁ ଘଟଣାସ୍ଥଳରେ ପୁଲିସକୁ ପହଞ୍ଚିବାରେ ବିଳମ୍ବ ହୋଇଥାଏ। ୧୦୮ ଗାଡ଼ି ଯିବାରେ ମଧ୍ୟ ଅସୁବିଧା ହୋଇଥାଏ। ଏସବୁ ସମସ୍ୟାର ସମାଧାନ ନିମନ୍ତେ ରାସ୍ତା କଡ଼ରେ ଦୋକାନ ନ ବସିବାକୁ ବୁଦ୍ଧିଜୀବୀ ମହଲରେ ପ୍ରଶାସନ୍‌କୁ ନିବେଦନ କରୁଛନ୍ତି।

# ସରିଲା ଖିରିପଦା ଉଡ଼ାପର୍ବ; ଲକ୍ଷାଧିକ ଭକ୍ତଙ୍କ ସମାଗମ

କୁଆଁମରା, ୧୬ା୪(ସମିସ): ମୟୂରଭଞ୍ଜ ଜିଲ୍ଲା ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତସ୍ଥ ଖିରିପଦା ଐତିହାସିକ ଉଡ଼ା ଯାତ୍ରା ଉଦଯାପିତ ହୋଇଯାଇଛି। କଳା ଓ ସଂସ୍କୃତି କ୍ଷେତ୍ର ଭାବେ ପରିଚିତ ଉକ୍ତ ଅଞ୍ଚଳର ଏହି ଗ୍ରାମ ଉଡା ଯାତ୍ରା ନିମନ୍ତେ ଉତ୍ସବମୁଖର ହୋଇଥିଲା। ମା' ବାସୁଳୀ ଓ ମଙ୍ଗଳାଙ୍କ ପୀଠରେ ତିନି ଦିନ ଧରି ସନ୍ଧ୍ୟାରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଶିବପାର୍ବତୀ ଓ ମା' ବାସୁଳୀଙ୍କ ଆରାଧନା ପୂର୍ବକ ଭକ୍ତା ପରମ୍ପରା ଅନୁସାରେ ଚାରିଦିନ ଧରି ବ୍ରତ ପାଳନ କରିଥିଲେ। ପାଟ ଦାସୀଙ୍କ ଦ୍ୱାରା ଗ୍ରାମ ପୋଖରୀରେ ସ୍ନାନ ପୂର୍ବକ ବାଲୁକା ସ୍ତୁପ କରାଯାଇ ଆଠ ଦେବାଦେବୀଙ୍କୁ ଆବାହନ କରାଯାଇ ଦେହୁରୀଙ୍କ ଦ୍ୱାରା ପୂଜା କରାଯାଇଥିଲା। ସେହିଦିନଠାରୁ ଦାସୀ ଓ ଭକ୍ତାମାନେ ନୀତି ନିୟମରେ ବନ୍ଧା ହୋଇଥିଲେ। ଗ୍ରାମ ଦେବୀ ଭାବେ ବାସୁଳୀ, ମଙ୍ଗଳା, ଶତପଥୀ ପ୍ରଭୃତି ପୂଜା ପାଇଆସୁଛନ୍ତି। ଏହି ପର୍ବରେ ଭକ୍ତା ଓ ଦାସୀଙ୍କୁ ନେଇ କାର୍ଯ୍ୟ ହୋଇଥାଏ। ଶତ୍ରୁଘ୍ନ ଦଳେଇ, ରବୀନ୍ଦ୍ର ଦଳେଇ, ପ୍ରଦୀପ ଦଳେଇ ମୁଖ୍ୟ ଦାସୀ ଭାବେ କାର୍ଯ୍ୟ ତୁଲାଇଥିବାବେଳେ ୪୮ ଜଣ ଭକ୍ତା ଉଡ଼ିବାରେ ଭାଗ ନେଇଥିଲେ। ଉଡା କାର୍ଯ୍ୟ ପୂର୍ବରୁ ଭକ୍ତା ଓ ଦାସୀଙ୍କ ଦ୍ୱାରା ଗ୍ରାମରେ ଯାତ୍ରା ଘଟ ପରିକ୍ରମା କରି ବାସୁଳୀଙ୍କ



ପୀଠରେ ପହଞ୍ଚି ଥାଏ। ଏଥିପୂର୍ବରୁ ତିନିଦିନ ସନ୍ଧ୍ୟାରେ ପୃଥକ ଭାବେ ନିଆଁପାଟ, କଣ୍ଟାପାଟ ଓ ଝୁଲାପାଟ ଶିବ ମନ୍ଦିର ସମ୍ମୁଖରେ ଦାସୀଙ୍କ ଦ୍ୱାରା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯାତ୍ରା ପରିବେଷଣ ହୋଇଛି।

## ପାଲବଣି ତାରିଣୀ ପୀଠ ଚଳଚଞ୍ଚଳ



ବାରିପଦା, ୧୬ା୪(ସମିସ): ସ୍ଥାନୀୟ ପାଲବଣି ତାରିଣୀ ପୀଠରେ ପହିଲି ବୈଶାଖୀ ଓ ଚୈତ୍ରପରବ ଧୁମଧାମରେ ପାଳିତ ହୋଇଯାଇଛି। ପ୍ରାତଃ ସମୟରୁ ସନ୍ଧ୍ୟା ପର୍ଯ୍ୟନ୍ତ ହୋମ ଯଜ୍ଞ, ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା, ନାମ ସଂକୀର୍ତ୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଶହ ଶହ ମହିଳା, ପୁରୁଷ ପହିଲି ବୈଶାଖୀର ପୂଜାର୍ଚ୍ଚନା କରିଥିଲେ। ପୀଠର ପ୍ରତିଷ୍ଠାତା ଶ୍ରୀକାନ୍ତ ବୋଷ (ନାନୁ ଦା), ସୁବାଶିଷ ବୋଷ ଓ ତାଙ୍କ ପତ୍ନୀ ମୋସୁମୀ ବୋଷଙ୍କ ଉଦ୍ୟମରେ ପ୍ରସ୍ତୁତ ପ୍ରସାଦକୁ ସ୍ଥାନୀୟ କାଉନସିଲର ଦେବାଶିଷ ପାତ୍ର ପ୍ରଥମେ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରିଥିଲେ। ଏଥିରେ ପୂଜକ ଅଭିଜିତ୍ ଦାଶ ସହଯୋଗ କରିଥିଲେ। ଶତାଧିକ ଲୋକ ପ୍ରସାଦ ସେବନ କରିଥିଲେ। ବରୁଣ ନାୟକ, ପ୍ରଦୀପ୍ତ ଘଡେଇ, କରୁଣାକର ପୁହାଣ, କାହ୍ନୁଚରଣ ପାତ୍ରଙ୍କ ସଂକୀର୍ତ୍ତନ ମଣ୍ଡଳୀ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।

## ସନତ ବାଗାନ ସିରିଜ୍ କ୍ଲବ ପକ୍ଷରୁ ଆମ୍ବେଦକର ଜୟନ୍ତୀ

ରାଇରଙ୍ଗପୁର, ୧୬ା୪(ସମିସ): ତିରିଂ ବ୍ଲକ ଅନ୍ତର୍ଗତ ଲୁପୁଙ୍ଗଠାରେ ସନତ ବାଗାନ ସିରିଜ କ୍ଲବ ପକ୍ଷରୁ ଡଃ ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳନ କରାଯାଇଛି। ଏଥିସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତିରିଂ ବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବଡନାରାଣୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ଛୋଟରାୟ ଟୁଡୁ, ଦୁର୍ଗୀ ହେମ୍ବ୍ରମ (ସମିତି ସଭ୍ୟ, ଲୁପୁଙ୍ଗ), ଗୋପାଳ ଟୁଡୁ (ନାଏବ ସରପଞ୍ଚ, ଲୁପୁଙ୍ଗ), ଅନ୍ନପୂର୍ଣ୍ଣା ଦାସ (ଏଏନଏମ, ଲୁପୁଙ୍ଗ), ପାର୍ବତୀ ବିନ୍ଧାଣୀ (ଏସଏଚଜି, ସଭାନେତ୍ରୀ) ଏବଂ କୁଶାଳ ବାସ୍କେ (ବିଏଫଟି) ପ୍ରମୁଖ କ୍ଲବର ସଦସ୍ୟଙ୍କ ସହିତ ଉପସ୍ଥିତ ରହି ସମ୍ବିଧାନ ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ନିକଟସ୍ଥ ବିଦ୍ୟାଳୟର ଉପସ୍ଥିତ ଛାତ୍ରଛାତ୍ରୀଙ୍କ ସହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏଠାରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁଇଜ୍ ପ୍ରତିଯୋଗିତାରେ ନିତେଶ ବୁଡିଉଲି ପ୍ରଥମ, ଗୌରୀମଣି ଟୁଡୁ ଦ୍ୱିତୀୟ, ଚିତ୍ରାଙ୍କନରେ ଦୁର୍ଗୀ ମାର୍ଣ୍ଡି ପ୍ରଥମ, ନାଗି ଟୁଡୁ ଦ୍ୱିତୀୟ, ବକ୍ତୃତା ପ୍ରତିଯୋଗିତାରେ ରାଇମାତ ମାର୍ଣ୍ଡି ପ୍ରଥମ ଓ କୁଶ ବାରି ଦ୍ୱିତୀୟ ସ୍ଥାନ ଲାଭ କରି ପୁରସ୍କୃତ ହୋଇଥିଲେ। ଏସବିଏସ କ୍ଲବ୍ ସଭାପତି ସୁନ୍ଦର ଟୁଡୁ, ଉପସଭାପତି ଲେମ୍ବ ମାର୍ଣ୍ଡି, ସମ୍ପାଦକ ନୁନାରାମ ମାର୍ଣ୍ଡି, ସହ ସମ୍ପାଦକ ବୁଧରାୟ ମାର୍ଣ୍ଡି, କୋଷାଧ୍ୟକ୍ଷ ରାମଦାସ ବେଶ୍ରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଓଡ଼ିଆ ନବବର୍ଷ

ଉଦଳା, ୧୬ା୪(ସମିସ): ଓଡ଼ିଆ ନବବର୍ଷ ପାଳନ ଅବସରରେ ଉଦଳା ବରିଷ୍ଠ ନାଗରିକ ସଂଘ ଆନୁକୂଲ୍ୟରେ ସଂଘ ସଭାଗୃହରେ ବରିଷ୍ଠ ନଗରିକଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସଦସ୍ୟ ତଥା ଭାଗବତ ଟୁଙ୍ଗୀର ଉପଦେଷ୍ଟା ନରେନ୍ଦ୍ର ମୋହନ ଜେନାଙ୍କ ସଭାପତିତ୍ୱରେ ଓଡ଼ିଆ ନବବର୍ଷ ପାଳନ ଓ ପଣା ସଂକ୍ରାନ୍ତିର ମହତ୍ତ୍ୱ ସମ୍ପର୍କରେ ସଭା ତରଫରୁ ବକ୍ତାମାନେ ଆଲୋଚନା ରଖିଥିଲେ। ଏଥିରେ ଓଡିଆ ନବବର୍ଷ ତଥା ମହାବିଷୁବ ସଂକ୍ରାନ୍ତିର ଐତିହାସିକ ପୃଷ୍ଠଭୂମି ଓ ଆମର ସାଂସ୍କୃତିକ ପରମ୍ପରା କିପରି ଓଡିଆ ଅସ୍ମିତା ସହିତ ଜଡିତ ତାହା ବକ୍ତାଙ୍କ ବକ୍ତବ୍ୟରେ ପ୍ରତିଫଳିତ ହୋଇଥିଲା। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସଂଘ ତରଫରୁ ସମସ୍ତଙ୍କୁ ମଣ୍ଡାପିଠା ଓ ପଣା ଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରମିଳା ଜେନା, ପ୍ରଫୁଲ୍ଲ ବାରିକ, ବିବେକାନନ୍ଦ ରାଜ, ସୁଭାଷ କୁମାର ଶଙ୍ଖୁଆ, ସୁଭଦ୍ରା ମଞ୍ଜରୀ ବେହେରା, ଅବଜବନ୍ଧୁ ବାରିକ ସହାୟତା କରିଥିଲେ।

## ଦ୍ୱନ୍ଦ୍ୱରେ ଜନଗଣନା ଅଧିକାରୀ

# ମ୍ୟାପରୁ ଅଞ୍ଚଳ ଚିହ୍ନଟ ସୃଷ୍ଟି କରୁଛି ସମସ୍ୟା

ବୈଶିଙ୍ଗା, ୧୬ା୪(ସମିସ): ଦେଶରେ ଜନଗଣନା ଓ ଗୃହ ଗଣନା ସର୍ଭେ ଆରମ୍ଭ ହୋଇଛି। ତେବେ ଜନଗଣନାକାରୀ କେଉଁ ଗାଁର କେତେ ଅଞ୍ଚଳ ସର୍ଭେ କରିବେ, ତାହା ଏବେ ବଡ଼ ସମସ୍ୟା ହୋଇ ଠିଆ ହୋଇଛି। କେବଳ ମ୍ୟାପଟିଏ ଦିଆଯାଇଥିବାରୁ ଏହା କେଉଁ ଅଞ୍ଚଳର କେତେ ଅଂଶ ବୋଲି ଜନଗଣନାକାରୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଉଭୟ ସ୍ଥାନୀୟ ଓ ଅଞ୍ଚଳ ସହ ପରିଚିତ ନଥିବା ବହିରାଗତ ଜନଗଣନାକାରୀ ସମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଜନଗଣନାକାରୀ ଗ୍ରାମର ସ୍ଥିତି ବିଷୟରେ ପୂର୍ବରୁ ଅବଗତ ଥିଲେ ମଧ୍ୟ ମିଳିଥିବା ମ୍ୟାପ ତାଙ୍କ ମୁଣ୍ଡ ବିଗାଡି ଦେଉଛି। ନବାଗତଙ୍କ ସମସ୍ୟା ନ କହିଲେ ଭଲ। ଜଣେ ଜନଗଣନାକାରୀଙ୍କୁ ଗୋଟିଏ ରାଜସ୍ୱ ଗ୍ରାମର ଦୁଇ ତିନୋଟି ପଡ଼ା ଗ୍ରାମ ସର୍ଭେ ପାଇଁ କୁହାଯାଇଥିବାରୁ ସେମାନେ ଅଧିକ ସମସ୍ୟା ଭୋଗୁଛନ୍ତି। ଗୋଟିଏ ଗୋଟିଏ ଗାଁକୁ ଦୁଇଜଣ ଗଣନାକାରୀଙ୍କୁ ଦିଆଯାଇଥିବାରୁ ଜଣେ କେଉଁ କେଉଁ ଗୃହ ଓ ଅନ୍ୟଜଣେ କେଉଁ କେଉଁ ଗୃହ ସର୍ଭେ କରିବେ ତାହା ଦ୍ୱନ୍ଦ୍ୱ ଉପୁଜାଉଛି। ପୁରୁଣା ଗୃହ ତାଲିକା କିମ୍ବା କେଉଁ ବ୍ୟକ୍ତିଙ୍କ ଘରଠାରୁ କେଉଁ ବ୍ୟକ୍ତିଙ୍କ ଘର ପର୍ଯ୍ୟନ୍ତ ସର୍ଭେ ହେବ ତାହା ଉଲ୍ଲେଖ କରାଯାଇଥିଲେ ସହଜ ହୋଇଥା'ନ୍ତା। ୱାର୍ଡ ତାଲିକା ଅନୁସାରେ ଜନଗଣନା ଓ ଗୃହ ସର୍ଭେ ପାଇଁ ଦିଆଯାଇଥିଲେ ମଧ୍ୟ ସୁବିଧା ହୋଇଥା'ନ୍ତା। ବୁଥ ଅନୁସାରେ ଜନଗଣନା ଓ ଗୃହ ଗଣନା ପାଇଁ ବ୍ୟବସ୍ଥା ହୋଇଥିଲେ ସୁଗମ ହୁଅନ୍ତା। ମ୍ୟାପ ପ୍ରଦାନ କାରଣରୁ ମ୍ୟାପରୁ ତଥ୍ୟ ସଂଗ୍ରହ ଓ ଗୃହ ଚିହ୍ନଟ ଏବେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ମ୍ୟାପ ପଠନ ସହଜ କାମ ହୋଇ ନ ଥିବାରୁ ଏଥିରୁ ଗ୍ରାମ ଓ ଗୃହ ଚିହ୍ନଟ ଏବେ ପ୍ରମୁଖ ସମସ୍ୟା ହୋଇ ମୁଣ୍ଡ ଟେକିଛି। ଏ ଦିଗରେ ବିଭାଗୀୟ ଅଧିକାରୀ ଧ୍ୟାନ ଦେବାକୁ ଦାବି ହେଉଛି।

# ରାଇରଙ୍ଗପୁରରେ ଉଡ଼ା ପର୍ବ ପାଳିତ

ରାଇରଙ୍ଗପୁର, ୧୬ା୪(ସମିସ): ରାଇରଙ୍ଗପୁରରେ ପ୍ରବଳ ଜନସମାଗମ ମଧ୍ୟରେ ପ୍ରସିଦ୍ଧ ଉଡା ପର୍ବ ଅନୁଷ୍ଠିତ ହୋଇଯାଇଛି। ୱାର୍ଡ଼ ନମ୍ବର ୭ ଗଡ଼ସ୍ଥ ପ୍ରସିଦ୍ଧ ଐଶାନେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଉଡ଼ା ଯାତ୍ରା ଦେଖିବାକୁ ହଜାର ହଜାର ସଂଖ୍ୟକ ଲୋକଙ୍କ ଭିଡ଼ ଜମିଥିଲା। ୧୧ ତାରିଖରେ ଏହି ଉଡାଯାତ୍ରା ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ରାତିରେ ସମ୍ପନ୍ନ ହୋଇଛି। ଶନିବାର ନିକଟସ୍ଥ ନଦୀରୁ ମହାଦେବଙ୍କ ଶୁଭ ଘଟ ରାତି ୧୨.୦୦ ଘଟିକା ସମୟରେ ଉତ୍ତୋଳନ କରାଯାଇ ମନ୍ଦିର ମଧ୍ୟକୁ ପ୍ରବେଶ କରାଯାଇଥିଲା। ରବିବାର ରାତି ୧୨ ଘଟିକା ସମୟରେ ନଦୀରୁ ଯାତରା ଘଟ ଉଠାଯାଇ ମନ୍ଦିରକୁ ଆଣି ପୁଣି ଭୋର ୪.୦୦ ଘଟିକା ସମୟରେ କାମନା ଘଟ ଆଣି ମନ୍ଦିରକୁ ଅଣାଯାଇଥିଲା। ବାବା ଐଶନେଶ୍ୱର ମହାଦେବଙ୍କ ନିକଟରେ ଅର୍ପଣ କରାଯାଇଥିଲା। ସୋମବାର ରାତି ୧୨.୩୦ ସମୟରେ ଡାଳିଭଙ୍ଗା ଘଟ ଆଣି ସେହି ଘଟ ଜଳକୁ ମହାଦେବଙ୍କ ନିକଟରେ ଅର୍ପଣ କରାଯାଇଥିଲା। ସୋମବାର ରାତି ୩.୦୦ ଘଟିକାରେ କାଳିକା ଘଟ ଭକ୍ତାମାନେ ଉଠାଇଥିଲେ। କାଳିକା ଘଟକୁ ମଧ୍ୟ ମନ୍ଦିରକୁ ଅଣାଯାଇ ମହାଦେବଙ୍କ ନିକଟରେ ଅର୍ପଣ କରାଯାଇଥିଲା। କାଳିକା ଘଟ ନ ଉଠିଲେ ଉଡା ଯାତ୍ରା ଅଞ୍ଚଳରେ ହେବା ସମ୍ଭବପର ନୁହେଁ। ତେବେ ଭୋରରୁ ଗୋରିଆ ଭାର ଉଠାଯାଇ ମହାଦେବଙ୍କୁ ଅର୍ପଣ କରାଯାଇଥିଲା। ମଙ୍ଗଳବାର ଶେଷ ଦିବସରେ ମହାବିଷୁବ ସଂକ୍ରାନ୍ତି ଅବସରରେ ମଧ୍ୟ ଭୋର ୪.୩୦ ଘଟିକା ସମୟରେ ନଦୀରୁ ଘଟ ଉତ୍ତୋଳନ କରାଯାଇ ଐଶନେଶ୍ୱର ମହାଦେବଙ୍କ ନିକଟରେ ଅର୍ପଣ କରାଯାଇଥିଲା। ତେବେ ପୂର୍ବାହ୍ନ ପ୍ରାୟ ୫.୦୦ ଘଟିକା ସମୟରେ ନଦୀରେ ବୁଡ଼ ପକାଇ ଭକ୍ତା ମହାଦେବ ମନ୍ଦିରକୁ ଆସିଥିଲେ।



ମଣ୍ଡାପାଟରେ ପାଟ ଭକ୍ତା କଣ୍ଟା ଉପରେ ଶୋଇ ଓ କଣ୍ଟା ଉପରେ ଛିଡା ହୋଇ ମନ୍ଦିରକୁ ଆସି ମହାଦେବ ମନ୍ଦିର ପରିକ୍ରମା କରିଥିଲେ। ଉଡ଼ା ଯାତ୍ରା କମିଟି ସଭାପତି କାଳୀଚରଣ ସାହୁ, ଉପସଭାପତି ଜ୍ୟୋତି ପ୍ରକାଶ ମହାନ୍ତି, ସମ୍ପାଦକ ଅଭିଜିତ ମହାନ୍ତି ପ୍ରମୁଖ କମିଟି ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବଢୁଛି ନିଶାଦ୍ରବ୍ୟ କାରବାର; ପୁଲିସ ନିରବ

ବେତନଟୀ, ୧୬ା୪(ସମିସ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅଞ୍ଚଳରେ ଦିନକୁ ଦିନ ନିଶାଦ୍ରବ୍ୟ କାରବାର ବୃଦ୍ଧି ପାଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଛି। ବେତନଟୀ ବ୍ଲକ ଅଧୀନରେ ୨୪ଟି ପଞ୍ଚାୟତ ରହିଥିବାବେଳେ ବେତନଟୀ ଓ ବୈଶିଙ୍ଗା ଦୁଇଟି ଥାନା ସହିତ ଗୋଟିଏ ଅବକାରୀ ଥାନା ରହିଥିଲେ ମଧ୍ୟ ନିଶା ବ୍ୟବସାୟ ଉପରେ ରୋକ ଲାଗିପାରୁ ନ ଥିବା ଅଭିଯୋଗ ହେଉଛି।

ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ବିଭିନ୍ନ ଦୋକାନ ଓ ଢାବାରେ ଗୁଟଖା, ଦେଶୀ ବିଦେଶୀ ମଦ, ନକଲି ବିଦେଶୀ ମଦ, ଗଞ୍ଜେଇ, ବ୍ରାଉନସୁଗର ଓ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ଖୋଲାମେଲାରେ ବିକ୍ରି ହେଉଛି। ବିଶେଷକରି ବୈଶିଙ୍ଗା ଥାନା ଅଞ୍ଚଳର କେତେକ ଢାବା ଏହି ଅବୈଧ କାରବାରର ମୁଖ୍ୟ କେନ୍ଦ୍ରବିନ୍ଦୁ ହୋଇଉଠିଛି ବୋଲି ଅଭିଯୋଗ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ପୁଲିସ ଓ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁଁ ଏହି ବ୍ୟବସାୟ ଦିନକୁ ଦିନ ବୃଦ୍ଧି ପାଉଛି। ପଡ଼ୋଶୀ ଜିଲ୍ଲାରୁ ଆସୁଥିବା ନିଶାଗ୍ରସ୍ତ ଯୁବକ ବୈଶିଙ୍ଗା ଅଞ୍ଚଳର କେତେକ ଢାବାକୁ ନିଜର ଆଡ୍ଡାସ୍ଥଳ ଭାବେ ବ୍ୟବହାର କରୁଥିବା ଦେଖାଯାଉଛି। ଅନ୍ୟପକ୍ଷରେ କମ୍ ବୟସର ପିଲା ମଧ୍ୟ ଗୁଟଖା ଭଳି ନିଶାଦ୍ରବ୍ୟରେ ଆସକ୍ତ ହେଉଛନ୍ତି। ଗୁଟଖା ସେବନ ଫଳରେ ଅନେକ ଯୁବକ ଗୁରୁତର ରୋଗରେ ପୀଡ଼ିତ ହେବା ସହ ମୃତ୍ୟୁମୁଖରେ ପଡୁଥିବା ନଜିର ଥିଲେ ମଧ୍ୟ ସଚେତନତାର ଅଭାବ ଦେଖାଯାଉଛି। ସରକାରଙ୍କ ପକ୍ଷରୁ ମହିଳା ସଶକ୍ତୀକରଣ ପାଇଁ ବିଭିନ୍ନ ଯୋଜନା ଚାଲିଥିବାବେଳେ ଯୁବପିଢ଼ି ନିଶାରେ ଆସକ୍ତ ହେବା ଚିନ୍ତାଜନକ। ଏ ପରିସ୍ଥିତିରେ ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ ନିୟନ୍ତ୍ରଣ ପାଇଁ କଠୋର ଆଇନ ପ୍ରୟୋଗ ସହିତ ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସଚେତନତା କାର୍ଯ୍ୟକ୍ରମ ଜୋରଦାର କରିବାକୁ ସାଧାରଣରେ ଦାବି ହେଉଛି।

## ସିବିଏସ୍‌ଇ ଦଶମ ପରୀକ୍ଷାରେ ଜାଭିୟର ହାଇସ୍କୁଲର ଶତପ୍ରତିଶତ ସଫଳତା

ବାରିପଦା, ୧୬ା୪(ସମିସ): ୨୦୨୫-୨୬ ଶିକ୍ଷାବର୍ଷର ସିବିଏସସି ଦଶମ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ବାରିପଦାସ୍ଥ ସେଣ୍ଟ ଜାଭିୟର ହାଇସ୍କୁଲର ପରୀକ୍ଷା ଦେଇଥିବା ୭୬ ଜଣ ଛାତ୍ରଛାତ୍ରୀ ସମସ୍ତେ ଉତ୍ତୀର୍ଣ୍ଣ ହୋଇ ଶତପ୍ରତିଶତ ସଫଳତା ପାଇଛନ୍ତି। ତନ୍ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୭ଜଣ ପାସ୍ କରିଥିବାବେଳେ ୮ ଜଣ ୯୦ ଶତକଡାରୁ ଅଧିକ ନମ୍ବର ରଖି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଦୀପଙ୍କର ବେହେରା ୯୭.୨ ପ୍ରତିଶତ, ଅନ୍ୱେଷା ପଟ୍ଟନାୟକ ୯୬.୮ ପ୍ରତିଶତ ଓ ସାଇ ଅରବିନ୍ଦ ରଥ ୯୬.୪ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସରକାରଙ୍କ ଅନ୍ୱେଷା ଯୋଜନାରେ ପରୀକ୍ଷା ଦେଇଥିବା ୨୯ ଜଣଙ୍କ ମଧ୍ୟରୁ ୨୦ ଜଣ ପ୍ରଥମ ଶ୍ରେଣୀ ଓ ଅନ୍ୟ ସମସ୍ତେ ପାସ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ବିଦ୍ୟାଳୟର ନିର୍ଦ୍ଦେଶକ ଅମିତାଭ ପଟ୍ଟନାୟକ, ବରିଷ୍ଠ ଅଧ୍ୟକ୍ଷ ଜାନକୀ ବଲ୍ଲଭ ମହାନ୍ତି ଓ ଅଧ୍ୟକ୍ଷ ସନ୍ୟାସୀ ପ୍ରଧାନ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ମୟୂରଭଞ୍ଜ ସେବା ସଂଗଠନ ପକ୍ଷରୁ ପଣା ବଣ୍ଟନ



ବାରିପଦା, ୧୬ା୪(ସମିସ): ଓଡ଼ିଆ ନବବର୍ଷ ଅବସରରେ ବାରିପଦା ସହରର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ମୟୂରଭଞ୍ଜ ସେବା ସଂଗଠନ' ପକ୍ଷରୁ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ପ୍ରତିଷ୍ଠାତା ସଭାପତି ଚିନ୍ମୟ ଦାସ, ଉପସଭାପତି ସନ୍ଦୀପ ନାଥ, ସମ୍ପାଦକ ଭରତ ପାତ୍ର ଓ ଉପଦେଷ୍ଟା ଅରବିନ୍ଦ ମୁଖିଙ୍କ ଉଦ୍ୟମରେ ସଂଗଠନ ପକ୍ଷରୁ ୨ ହଜାରରୁ ଅଧିକ ଲୋକଙ୍କୁ ବେଲ ପଣା ସହ ଶହେରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା। ୨୦ ଜଣ ଅନାଥ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯାଇ ସେମାନଙ୍କ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରାଯାଇଥିଲା। ପ୍ରତି ମଙ୍ଗଳବାର ଭଳି ସଂଗଠନର ନିୟମିତ କାର୍ଯ୍ୟକ୍ରମ ଅନୁଯାୟୀ ଶହେରୁ ଊର୍ଦ୍ଧ୍ୱ ଅସହାୟ ଓ ନିରାଶ୍ରୟ ବ୍ୟକ୍ତିଙ୍କୁ ପେଟପୁରା ରନ୍ଧାଖାଦ୍ୟ ପରଷା ଯାଇଥିଲା। ବାରିପଦା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ କୌଣସି ଜରୁରୀ କାର୍ଯ୍ୟ ପାଇଁ ଏହି କାର୍ଯ୍ୟକ୍ରମରେ ଯୋଗ ନ ଦେଇଥିଲେ ହେଁ ସଂଗଠନର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଡଃ ନିରୋଜ ପୋଥାଳ, ସୋମନାଥ ସିଂହ, ଚିତ୍ତରଞ୍ଜନ ସ୍ୱାଇଁ, ତୃପ୍ତି ମୋହନ ମହାପାତ୍ର ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ସଂଗଠନର ସଦସ୍ୟ ହରିଶ ଲେଙ୍କା, ହେମନ୍ତ ପ୍ରମାଣିକ, ରଶ୍ମିରେଖା ପ୍ରମାଣିକ, ତନୁଶ୍ରୀ ଦାସ, ଅଙ୍କିତ ସାହୁ, ରାମେଶ୍ୱର ସିଂହ, ପ୍ରସନ୍ନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ




କୁଆଁମରା, ୧୬ା୪(ସମିସ): ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟରେ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଡଃ ପ୍ରିୟଦର୍ଶିନୀ ଇପ୍‌ସିତା ଦାଶ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ସରୋଜ ତ୍ରିପାଠୀ ଯୋଗଦେଇ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସମାଜ ସହିତ ତାଳଦେଇ ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ହିରଣ୍ମୟୀ ଶତପଥୀ ପିଲାଙ୍କ ଚରିତ୍ର ଗଠନ ପାଇଁ ବିଭିନ୍ନ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଗୌରବ ପାଲ ନିଜର ବକ୍ତବ୍ୟ ରଖିଥିବାବେଳେ ପ୍ରଦର୍ଶିକା ନିରୋଦା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଦୀପୁ ମାଣ, ଭବାନୀ ଶଙ୍କର ମିଶ୍ର, ଛାତ୍ରୀ ଶ୍ରେୟା ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଅଗ୍ନିଶମ ସୁରକ୍ଷା ସଚେତନତା ଅଭିଯାନ

ବେତନଟୀ, ୧୬ା୪(ସମିସ): ଜାତୀୟ ଅଗ୍ନିଶମ ସୁରକ୍ଷା ସପ୍ତାହ ପାଳନ ଅବସରରେ ବେତନଟୀରେ ଅଗ୍ନିଶମ ବିଭାଗ ପକ୍ଷରୁ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ସାଧାରଣ ଲୋକଙ୍କୁ ଅଗ୍ନିକାଣ୍ଡ ସମୟରେ ସଚେତନ ଓ ସୁରକ୍ଷିତ ରହିବାର ପଦ୍ଧତି ସମ୍ପର୍କରେ ସଜାଗ କରିବାକୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ବେତନଟୀ ଅଗ୍ନିଶମ ବାହିନୀ ପକ୍ଷରୁ ସୁସଜ୍ଜିତ ଦମକଳ ଗାଡି ସହରର ମୁଖ୍ୟ ବଜାର ଅଞ୍ଚଳରେ ପରିକ୍ରମା କରିଥିଲା। ଏହା ମାଧ୍ୟମରେ ଅଗ୍ନିକାଣ୍ଡ ଘଟିଲେ କିପରି ତୁରନ୍ତ ନିଜର ଓ ଅନ୍ୟମାନଙ୍କ ଜୀବନ ଓ ସମ୍ପତ୍ତିକୁ ସୁରକ୍ଷିତ କରିହେବ, ସେଥିପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ବେତନଟୀ ଦମକଳ କେନ୍ଦ୍ର ଅଧିକାରୀ ସତ୍ୟବାଦୀ ପଲେଇଙ୍କ ନେତୃତ୍ୱରେ ଏହି ଅଭିଯାନ ଆୟୋଜିତ ହୋଇଥିଲା। ସେ କହିଥିଲେ, ଆକସ୍ମିକ ଅଗ୍ନିକାଣ୍ଡ ସମୟରେ ଉପସ୍ଥିତ ବୁଦ୍ଧି, ସତର୍କତା ଓ ହାତପାହାନ୍ତାରେ ଥିବା ସାଧାରଣ ସାମଗ୍ରୀର ସଠିକ୍ ବ୍ୟବହାର ଦ୍ୱାରା ବଡ଼ ବିପଦକୁ ରୋକାଯାଇପାରେ। ଏହା ସହିତ ଆଗାମୀ ଦିନରେ ସ୍କୁଲ, କଲେଜ ଓ ବ୍ୟବସାୟିକ ସଂସ୍ଥାରେ ସାମୂହିକ ଭାବେ ଅଗ୍ନିଶମ ସୁରକ୍ଷା ସମ୍ପର୍କିତ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାର ଯୋଜନା ଥିବା ସେ ସୂଚନା ଦେଇଥିଲେ।

## 'ଆମ ରୁଚି ଆମ ଖାଦ୍ୟ' ପ୍ରତିଯୋଗିତା

କୁଆଁମରା, ୧୬ା୪(ସମିସ): ଓଡ଼ିଆ ନବବର୍ଷ ଅବସରରେ ଗୋପବନ୍ଧୁ ନଗର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସ୍ତରୀୟ ଆମ ରୁଚି ଓ ଆମ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସ୍ତରୀୟ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ବିଭିନ୍ନ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ନେଇ ମୁରୁଜ ଓ ଖାଦ୍ୟ ପ୍ରତିଯୋଗିତା ହୋଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡ଼ିଓ ପୃଥ୍ୱୀରାଜ ପରିଡ଼ା, କୁଆଁମରା ଡିଗ୍ରୀ କଲେଜ ଓଡିଆ ବିଭାଗ ପ୍ରାଧ୍ୟାପିକା ମିତାରାଣୀ ଦ୍ୱିବେଦୀ ଯୋଗ ଦେଇ ଓଡିଆଙ୍କ ରୁଚି ସମ୍ପର୍କରେ ବକ୍ତବ୍ୟ ରଖିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ, ବ୍ଲକ କର୍ମଚାରୀମାନେ ଉପସ୍ଥିତ ଥିଲେ। ସହକାରୀ ଯନ୍ତ୍ରୀ ଅଭିଷେକ କାପୁଡିଆ, କର୍ମଚାରୀ ହୀରାଲାଲ୍ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାର ଦେବାଶିଷ ବେହେରା ପ୍ରମୁଖ ପ୍ରତିଯୋଗିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମିରିଗିଦାରୀ-ଆମ୍ବତଳିଆ ସାହି ରାସ୍ତା ଶୋଚନୀୟ

# ମରାମତି କରିବାକୁ ଆଗେଇ ଆସିଲେ ସମାଜସେବୀ

ବଡସାହି/ମାଣତ୍ରୀ, ୧୬ା୪(ସମିସ): ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ମିରିଗିଦାରୀ ଗାଁରେ ପଡ଼ିନାହିଁ ମୁଠାଏ ମାଟି। ମିରିଗିଦାରୀ ଗାଁର ଭୌଗୋଳିକ ସ୍ଥିତି ଏପରି ଯେ ଗାଁ ମଧ୍ୟଦେଇ ଆରଡି ରାସ୍ତା ଯାଇଛି। ଏଥିସହ ଅନ୍ୟ ସାହି ରାସ୍ତାର ଉନ୍ନତି କିଛି ନ ହୋଇ ପଡ଼ିରହିଛି। ଫଳରେ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଓଡ଼ିଶା ସରକାର ବିକାଶର ଡେଙ୍ଗୁରା ବଜାଉଥିବାବେଳେ ଲୋକ ଆଣ୍ଠୁଏ ଆଣ୍ଠୁଏ ପାଣି କାଦୁଅରେ ପଶି ଯାତାୟାତ କରୁଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ବଡ଼ସାହି ବ୍ଲକ ମାନଗୋବିନ୍ଦପୁର ପଞ୍ଚାୟତ ମିରିଗିଦାରୀ ଗ୍ରାମରେ ଦେଖିବା ପାଇଁ ମିଳିଛି। ମିରିଗିଦାରୀ ଗ୍ରାମର ଏକ ସାହି ହେଉଛି ଆମ୍ବତଳିଆ ସାହି। ଏହି ସାହିକୁ ଯାତାୟାତ ପାଇଁ ରାସ୍ତାଟି ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ ଦୁଇଶହ ପାଖାପାଖି ଲୋକ ଯିବା ଆସିବା କରନ୍ତି।



ରାସ୍ତା ସମ୍ପର୍କରେ ବହୁବାର ସରପଞ୍ଚ, ପିଇଓଙ୍କୁ କହିବା ପରେ ଅଳ୍ପ କେତେ ମୋରମ ପକାଇଥିଲେ ସୁଦ୍ଧା ରାସ୍ତାର ଅବସ୍ଥା ଯେମିତିକୁ ସେମିତି ହୋଇରହିଛି। ସାମାନ୍ୟ ବର୍ଷା ହେବା ମାତ୍ରେ ସେହି ସାହିକୁ ଯାତାୟାତ କରୁଥିବା ଲୋକ ଆଣ୍ଠୁଏ ଆଣ୍ଠୁଏ ପାଣି କାଦୁଅରେ ପଶି ଯାତାୟାତ କରନ୍ତି। ସେହି ସାହିର ଜଣେ ସ୍ୱେଚ୍ଛାସେବୀ ଅଶ୍ୱିନୀ କୁମାର ମହାନ୍ତ କୁହନ୍ତି, ଲୋକଙ୍କ ଦୁଃଖ ମାନେ ମୋ ଦୁଃଖ। ତେଣୁ ସେ ଏପରି ରାସ୍ତାର ଶୋଚନୀୟ ଅବସ୍ଥା ଦେଖି ନିଜ ହାତରୁ ଖର୍ଚ୍ଚ କରି ସେହି ରାସ୍ତାରେ ୩୦ ଟ୍ରାକ୍ଟର ମୋରମ ପକାଇଛନ୍ତି। ମୋରମ ପକାଇବା ଦେଖି ଗାଁ ଲୋକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଲୋକମାନେ ଅଶ୍ୱିନୀଙ୍କ ପ୍ରଶଂସା କରିଛନ୍ତି। ତୁରନ୍ତ ପ୍ରଶାସନ ଓ ସରପଞ୍ଚ ଏଥିପ୍ରତି ଦୃଷ୍ଟି ଦେଇ ଏହି ରାସ୍ତାର ସ୍ଥାୟୀ ପ୍ରତିକାର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

